## ସଂକ୍ଷେପରେ

### ବ୍ରଜ ଚକୋରୀ ଦେବୀଙ୍କୁ ସ୍ୱାଗତ କଲେ ବିଷ୍ଣୁ

**ଜଗତସିଂହପୁର ଅଫିସ, ୪।୧:** ଜଗତ୍‌ଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ପ୍ରଚାରିକା ସୁଶ୍ରୀ ବ୍ରଜ ଚକୋରୀ ଦେବୀଙ୍କ ଦ୍ୱାରା ଅଦ୍ୱିତୀୟ ଭଗବତୀୟ ପ୍ରବଚନ କାର୍ଯ୍ୟକ୍ରମ ଶ୍ୟାମାଶ୍ୟାମ ସତ୍‌ସଙ୍ଗ (ରାଧାକୃଷ୍ଣ ଭକ୍ତ ମନ୍ଦିର) ଜଗତ୍‌ସିଂହପୁର ଦ୍ୱାରା ଖେରସ ଛକଠାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ୧୦ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ପ୍ରଥମ ସନ୍ଧ୍ୟାରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସଙ୍କ ସମେତ ପୂର୍ବତନ ଜଗତ୍‌ସିଂହପୁର ପୌରାଧକ୍ଷ ମଧୁସୂଦନ ସାହୁ, ପୂର୍ବତନ ପାରିଷଦ ଶରତ ଚନ୍ଦ୍ର ଦାସ, ମନୋରମା ସାହୁ ଓ ଅଧାପକ ଭଗବାନ ଦାଶ ପ୍ରମୁଖ ଉପସ୍ଥିତ ରହି ବ୍ରଜ ଚକୋରୀ ଦେବୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ।

### ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

**କୁଜଙ୍ଗ,୪।୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ବାଲିଆସ୍ଥିତ ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଠାରୁ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ହିରଣ୍ୟ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶାରୀରିକ କୌଶଳ ସହ ମାନସିକ ଦକ୍ଷତା ଉପରେ ଗୁରୁତ୍ୱ ଦେଇପାରିଲେ ବାଳିକାମାନେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜିକ ଅଧ୍ୟାପିକା ମମତା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମ ବର୍ଷର ସମସ୍ତ ୧୦୬ ଛାତ୍ରୀ ୪ଟି ଗୋଷ୍ଠୀରେ ବିଭକ୍ତି ହୋଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ରେଖାରାଣୀ ମଲିକ୍ ପ୍ରଶିକ୍ଷଣ ଦେଉଛନ୍ତି। ଏହି କାର୍ଯ୍ୟକ୍ରମ ୧୨ ଦିନ ଧରି ଚାଲିବ। ଅଧ୍ୟାପକ ପ୍ରଶାନ୍ତ ଶେଖର ପଟ୍ଟନାୟକ, ଅଧ୍ୟାପିକା ଶୁଭ୍ରମଞ୍ଜରୀ ବେହେରା, ରୋଜାଲିନ୍ ଜେନା, କ୍ରୀଡ଼ା ଶିକ୍ଷକ ମୁରଲୀଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର ଓ ବିଚିତ୍ରାନନ୍ଦ ଖଟୁଆ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ନୂଆ ଢଙ୍ଗରେ ନୂଆବର୍ଷକୁ ସ୍ୱାଗତ

**ଡେରାବିଶ, ୪।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ଶିକ୍ଷାବିଭାଗ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କଲେଜ ପରିସରରେ ନୂଆବର୍ଷକୁ ଏକ ନୂଆ ଢଙ୍ଗରେ ସ୍ୱାଗତ କରିଥିଲେ। ପ୍ରତିବର୍ଷ ପରି ଶିକ୍ଷା (ସମ୍ମାନ) ବିଭାଗର ଛାତ୍ରୀଛାତ୍ରମାନେ ଘରେ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି କଲେଜକୁ ଆଣିଥିଲେ। କଲେଜର ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଏକାଠି ଘରୁ ଆଣିଥିବା ଖାଦ୍ୟ ଖାଇଥିଲେ। ଏହି ଉପଲକ୍ଷେ କଲେଜରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଭାଗୀୟ ମୁଖ୍ୟ ଡା. ରାମଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଅଧକ୍ଷ ମଦନ ମୋହନ ଜେନା ମୁଖ୍ୟଅତିଥି, ଡା. ପ୍ରକାଶ କୁମାର ପରିଡ଼ା ମୁଖ୍ୟବକ୍ତା ଓ ଅଧାପକ ବ୍ରଜ କିଶୋର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପିଲାମାନେ ଘରୁ ରୋଷେଇ କରି ଆଣିଥିବା ୩୦ରୁ ଉର୍ଦ୍ଧ୍ୱ ପ୍ରକାରର ଖାଦ୍ୟକୁ ଏକାଠି ସମସ୍ତେ ଖାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶିକ୍ଷା ବିଭାଗ ଅଧାପିକା ସୁକନ୍ୟା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଯୁବପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ରାହାମା,୪।୧(ଡି.ଏନ୍.ଏ):** ତିର୍ତ୍ତୋଲ ବ୍ଲକ ଡୁଲଙ୍ଗ ପଞ୍ଚାୟତ ବୋଲର ପଡ଼ିଆଠାରେ ବିଜୁ ଯୁବବାହିନୀର ପଞ୍ଚାୟତସ୍ତରୀୟ ଯୁବପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଯୁବବାହିନୀର ସଭାପତି ଦେବାଶିଷ୍ ସାହୁ ଅଧକ୍ଷତା କରିଥିଲେ। ଏହି ଅବସରରେ ପଞ୍ଚାୟତର ଯୁବକମାନଙ୍କ ଦ୍ୱାରା କ୍ରିକେଟ୍ ଟୁର୍ନାମେଣ୍ଟ ସହ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପଞ୍ଚାୟତରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ ହୋଇଥିବା ଅମିତାଭ ସ୍ୱାଇଁଙ୍କୁ ମୁଁ ହିରୋ ଭାବେ ସମ୍ମାନିତ କରାଯାଇଥିଲା। ତିର୍ତ୍ତୋଲ ବିଧାୟିକା ଡ଼ା. ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି, ଜିଲ୍ଲାପରିଷଦ ଅଧକ୍ଷା ପିୟଦର୍ଶିନୀ ବିଶ୍ୱାଳ, ପଞ୍ଚାୟତ ସମିତି ଅଧକ୍ଷା ସୁଜାତା ମହାନ୍ତି, ବିଜୁ ଯୁବ ବାହିନୀ ତିର୍ତ୍ତୋଲ ବ୍ଲକ କୋଅର୍ଡ଼ିନେଟର ସତ୍ୟବ୍ରତ ଦାସ, ସରପଞ୍ଚ ରଞ୍ଜିତା ସ୍ୱାଇଁ, ସମିତି ସଭ୍ୟା ମମତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଓ ଅନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିଜୁ ଯୁବବାହିନୀ ସଭାପତି ଦେବାଶିଷ ସାହୁ, ସମ୍ପାଦକ ପ୍ରଭୃଦତ୍ତ ପଣ୍ଡା, କୋଷାଧକ୍ଷ ମନୋରଞ୍ଜନ ନାୟକ ପରିଚାଳନା କରିଥିଲେ।

■ ଗୋଡ଼ା ପଞ୍ଚାୟତ ଦୁର୍ନୀତିର ଗୁମର ଫିଟୁଛି

# ବିନିଯୋଗ ନ ହୋଇ ୧୨.୬୩ ଲକ୍ଷ ଟଙ୍କା ଉଠାଣ

**ଜଗତସିଂହପୁର ଅଫିସ, ୪।୧**

ଏରସମା ବ୍ଲକ ଅଧୀନ ଗୋଡ଼ା ପଞ୍ଚାୟତରେ ଦୁର୍ନୀତିର ଚେର ଲମ୍ବି ଚାଲିଛି। ପଞ୍ଚାୟତ ବ୍ୟାଙ୍କ ଆକାଉଣ୍ଟରୁ ୧୨,୬୩,୯୬୦ ଟଙ୍କା ଉଠା ଯାଇଥିଲେ ସୁଦ୍ଧା ଏହାର ବିନିଯୋଗ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗକୁ ନେଇ ପଞ୍ଚାୟତରେ ଅସନ୍ତୋଷ କେନ୍ଦ୍ରୀଭୂତ ହୋଇଛି। ଏଥିସହ ଅନ୍ୟ ଦୁର୍ନୀତିକୁ ନେଇ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପଞ୍ଚାୟତବାସୀଙ୍କ ଅଭିଯୋଗ ଅନୁସାରେ, ୨୦୧୭-୧୮ରେ ପଞ୍ଚାୟତରେ ଅନେକ ଯୋଜନାର ବାସ୍ତବ ରୂପାୟନ ନେଇ ରାଜ୍ୟ ଅର୍ଥ କମିଶନ (ଏସ୍ଏଫ୍‌ସି) ଓ କେନ୍ଦ୍ରୀୟ ଅର୍ଥ କମିଶନ (ସିଏଫ୍‌ସି) ଅନୁଦାନରେ ଅର୍ଥ ରାଶି ଆସିଥିଲା। ୩୦।୬।୧୭ରେ ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକଦେବ ମହାନ୍ତି ଏସ୍ଏଫ୍‌ସି (ରାଜ୍ୟ ଅର୍ଥ କମିଶନ) ୪୫,୦୦୦ ଟଙ୍କା ଉଠାଇବା ବ୍ୟବସ୍ଥା କରିଥିଲେ। ତାଙ୍କ ବଦଳି ପରେ ଅକ୍ଷୟ ଜେନା ନିର୍ବାହୀ ଅଧିକାରୀ ହୋଇଥିଲେ। ସେବେଠାରୁ ଜେନା ଏହି ଦାୟିତ୍ୱରେ ଅଛନ୍ତି। ତେବେ ତାଙ୍କ ସମୟରେ ଅର୍ଥାତ୍ ୧୮।୮।୧୭ରେ ୪,୮୧,୧୩୨ ଟଙ୍କା ସରପଞ୍ଚ ଉଠାଇଥିଲେ ବୋଲି ଅଭିଯୋଗ ହେଉଛି। ସେହିପରି ୨୧।୮।୧୭ରେ ୩୦,୦୦୦, ୧୩।୯।୧୭ରେ ୩,୩୮,୬୦୮, ୧୮।୯।୧୭ରେ ୧,୨୧,୬୫୮, ୨୧।୯।୧୭ରେ ୯୦,୧୬୮, ୩।୧୦।୧୭ରେ ୩,୩୦,୬୩୫, ୬।୧୦।୧୭ରେ ୧,୩୫,୨୭୩, ୪।୧୧।୧୭ରେ ୧,୭୦,୦୦୦, ୨୪।୪।୧୮ରେ ୨୦,୦୦୦ ଓ ୬।୬।୧୮ରେ ଏସ୍ଏଫ୍‌ସିରେ ୨,୭୫,୦୨୯ ଟଙ୍କା ଚେକ୍ ଆଦିରେ ଉଠିଛି। ଅନୁରୂପ ଭାବେ ସିଏଫ୍‌ସିରେ ୬।୪।୧୭ରେ ୯୦,୦୦୦, ୩୧।୫।୧୭ରେ ୫୫,୦୦୦, ୬୦,୭୨୦ ଓ ୬।୬।୧୭ରେ ୫୦,୦୦୦ ଟଙ୍କା ଉଠିଥିବା ଦର୍ଶାଯାଇଛି। ଗ୍ରୀଷ୍ମ ଯୋଗୁ ଟ୍ରାକ୍ଟରରେ ପାନୀୟ ଜଳ ଯୋଗାଣ ପାଇଁ ୫।୬।୧୭ରେ ୫,୬୫,୦୬୮ ଟଙ୍କା ଚେକ୍ ବିନିଯୋଗ ହୋଇଥିବା ଉଲ୍ଲେଖ ଅଛି। ୧୯।୬।୧୭ରେ ୬୧,୭୫୮, ୧,୭୩,୮୧୦, ୮,୦୦୦, ୩୦।୬।୧୭ରେ ୫,୦୦୦, ୧,୭୪,୯୪୨, ୨୧।୮।୧୭ରେ ୧୩,୦୦୦, ୨୯।୮।୧୭ରେ ୧୨,୦୦୦ ଓ ୬,୦୦୦ ଟଙ୍କା ଚେକ୍ ବିନିଯୋଗ ହୋଇଛି। ୪।୯।୧୭ରେ ନିର୍ବାହୀ ଅଧିକାରୀ ଜେନା ଆକାଉଣ୍ଟ ଟ୍ରାନ୍ସଫର ମାଧ୍ୟମରେ ୭୫,୦୦୦ ଓ ୨୦।୯।୧୭ରେ ଆର୍‌ଟିଜିଏସ୍‌ରେ ୨,୮୦,୨୧୯ ଟଙ୍କା ଉଠାଇଥିବା କୁହାଯାଉଛି। ଏହିପରି ଏସ୍ଏଫ୍‌ସିରେ ୧୭,୦୦,୭୭୬ ଓ ସିଏଫ୍‌ସିରେ ୧୭,୦୧,୮୯୦, ଏହିପରି ମୋଟ ୩୪,୦୨,୬୬୬ ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ହେଲେ ପଞ୍ଚାୟତ ଆକାଉଣ୍ଟରୁ ଟଙ୍କା ଉଠିଛି ବିନିଯୋଗ ରାଶିଠାରୁ ଅଧିକ ୧୨,୬୩,୯୬୦। ଏ ସମ୍ପର୍କିତ ତାଲିକା ସୂଚନା ଅଧିକାର ଆଇନ ଅନୁଯାୟୀ ସଂଗ୍ରହ କରାଯିବା ପରେ ପଞ୍ଚାୟତରେ ଲିଫ୍‌ଲେଟ୍ ମାଧ୍ୟମରେ ବଣ୍ଟା ଯାଉଥିବା ଜଣାପଡ଼ିଛି। ତେବେ ଏଭଳି ସଙ୍ଗୀନ ଅଭିଯୋଗ ଉପରେ ତଦନ୍ତ ଚାଲିଥିବା ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି। ଗୋଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ଜେନାଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ପାରିନି।

# କଂଗ୍ରେସର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ



କଂଗ୍ରେସ ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଏରସମା, ୪।୧(ସ୍ୱ.ପ୍ର.)**

ଏରସମା ବ୍ଲକ ଗୋଡା ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ ବ୍ୟାପକ ଦୁର୍ନୀତି କରାଯାଉଛି। ଏନେଇ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ପ୍ରତିବାଦରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଗୋଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ଯାଇ ଗୋଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ସମିତି ସଭ୍ୟ ଚିତ୍ରସେନ ଦାସ ସଭାରେ ସଭାପତିତ୍ୱ କରିଥିଲେ। ସେ କହିଲେ ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ ପ୍ରଦାନରେ ବ୍ୟାପକ ଦୁର୍ନୀତି କରାଯାଇଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ବାଲିକୁଦାର ପୂର୍ବତନ ବିଧାୟକ ଲଳାଟେନ୍ଦୁ ମହାପାତ୍ର ଯୋଗଦେଇ କୁଅଁରବେଦୀ ପୋଖରୀ, ରାଜପୁର ପୋଖରୀ ଖୋଳାରେ ଦୁର୍ନୀତି ହୋଇଥିବା କହିଥିଲେ। କଂଗ୍ରେସର ରାଜ୍ୟ ପ୍ରଚାର କମିଟି ସଦସ୍ୟ ସାରଦା ପ୍ରସନ୍ନ ଜେନା ଏସବୁ ଦୁର୍ନୀତିର ପର୍ଦ୍ଦାଫାସ ହେବା ଆବଶ୍ୟକ ବୋଲି କହିଥିଲେ। ପୂର୍ବତନ ସରପଞ୍ଚ ଅଭିଲାଷ ବିଶ୍ୱାଳ, କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ଶିବବ୍ରତ ଦାସ, ନିବାରଣ ନାୟକ, ପ୍ରମୋଦ ରାଉତ,ସାମାଜିକ କର୍ମୀ ପ୍ରଦୀପ ସାହୁ,ଉମେଶ ଲେଙ୍କା,ଭୀମସେନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଉପଯୁକ୍ତ ତଦନ୍ତ କରା ନ ଗଲେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ।

# ସରକାରୀ ଜାଗାରୁ ହନୁମାନ ମନ୍ଦିର ଉଚ୍ଛେଦ



ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

**ତିର୍ତ୍ତୋଲ, ୪।୧ (ଡି.ଏନ.ଏ.)**

■ ସ୍ଥାନୀୟ ଲୋକଙ୍କ ବିରୋଧ
■ ପୋଲିସ ଫୋର୍ସ ମୁତୟନ

ତିର୍ତ୍ତୋଲ ତହସିଲ ପ୍ରଶାସନ ଦ୍ୱାରା ଶୁକ୍ରବାର ଗୋବିନ୍ଦପୁର ପଞ୍ଚାୟତ ଗୁଣ୍ଡିଲୋ ରାଜସ୍ୱ ଗ୍ରାମର ସରକାରୀ ଜମିରେ ଥିବା ହନୁମାନ ମନ୍ଦିର ଉଚ୍ଛେଦ କରାଯାଇଛି। ଏହି ମନ୍ଦିର ସରକାରୀ ଜମିରେ ହୋଇଥିବା ଦର୍ଶାଇ ଗ୍ରାମର ଜଣେ ବ୍ୟକ୍ତି ଉଚ୍ଚ ନ୍ୟାୟଳୟରେ ମାମଲା ଦାଏର କରିଥିଲେ। ଉଚ୍ଚ ନ୍ୟାୟାଳୟ ଏହି ମନ୍ଦିର ଉଚ୍ଛେଦ ପାଇଁ ଜିଲାପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ ତହସିଲଦାର ସୁଜାତା ପାତ୍ର ଶୁକ୍ରବାର ମନ୍ଦିର ଉଚ୍ଛେଦ ପାଇଁ ସ୍ଥାନୀୟ ପୋଲିସ ସହାୟତାରେ ବୁଲଡୋଜର ମେସିନ ସହ ଘଟଣାସ୍ଥଳକୁ ଯାଇଥିଲେ। ତେବେ ସ୍ଥାନୀୟ ଗ୍ରାମ ସମେତ ପଡୋଶୀ ଗ୍ରାମର ବହୁ ମହିଳା ଏହି ଉଚ୍ଛେଦକୁ ବିରୋଧ କରିଥିଲେ। ତହସିଲଦାର ପାତ୍ର ଓ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି ସେମାନଙ୍କୁ ବୁଝାସୁଝା କରିଥିଲେ। ପରେ ବୁଲଡୋଜର ସାହାଯ୍ୟରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଥିବା ଚାଳ ଘରକୁ ଭଙ୍ଗାଯାଇଥିଲା। ଏହାପରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ମନ୍ଦିର ଉଚ୍ଛେଦ ପରେ ଏସବୁ ଗ୍ରାମର ଜନସାଧାରଣ ବିଶେଷ କରି ମହିଳା ଶ୍ରଦ୍ଧାଳୁମାନେ ମ୍ରିୟମାଣ ହୋଇପଡିଥିଲେ। ସୂଚନାଯୋଗ୍ୟ ଯେ ଗତ ୨୮ତାରିଖରେ ତହସିଲ ପ୍ରଶାସନ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଚ୍ଛେଦ କରି ନ ପାରି ଫେରିଥିଲେ। ଏହି ରାଜସ୍ୱ ଗ୍ରାମର ସରକାରୀ ଜାଗା ପ୍ଲଟ ନଂ ୨୧୦ରେ ଏକ ଚାଳଘରେ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇ ଗୋବିନ୍ଦପୁର ପଞ୍ଚାୟତ ଓ କୋଷ୍ଟିମଲ୍ଲିକାପୁର ପଞ୍ଚାୟତର ୫ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ପୂଜାର୍ଚ୍ଚନା କରୁଥିଲେ।

### ସକାରାତ୍ମକ ଚିନ୍ତାଧାରା ଆପଣାଇବାକୁ ପରାମର୍ଶ

**କେନ୍ଦ୍ରାପଡ଼ା ଅଫିସ, ୪।୧**

ସ୍ୱାଧୀନତା ପୂର୍ବରୁ ଦେଶବାସୀ ଇଂରେଜ ସରକାରଙ୍କ ପ୍ରଜା ଥିଲେ। ୧୯୪୭ରେ ଭାରତୀୟ ନାଗରିକ ଭାବେ ଗଣନା କରାଗଲା। କିନ୍ତୁ ଏବେ ବି ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନାମରେ ବିବାଦ ଥମୁନି। ପରସ୍ପର ମଧ୍ୟରେ ସ୍ନେହ, ସମ୍ମାନ ସାମ୍ପ୍ରତିକ ସମୟରେ ଦେଖିବାକୁ କ୍ୱଚିତ ମିଳୁଛି। ଏହି ପାରମ୍ପରିକ ଭେଦର ପ୍ରାଚୀର ଭାଙ୍ଗିବାକୁ ହେଲେ ସଂସ୍କାରିତ ଯୁବ ଚରିତ୍ର ଗଠନର ଆବଶ୍ୟକତା ଅଛି। ଜାତୀୟ ଯୁବ ପ୍ରକଳ୍ପ (ଏନ୍‌ୱାଇପି)ର ପ୍ରତିଷ୍ଠାତା ବରିଷ୍ଠ ସାମାଜିକ କର୍ମୀ ଡା. ଏସ୍‌ଏନ୍ ସୁବାରାଓ ଶାନ୍ତି ଓ ସଦ୍‌ଭାବନା କାର୍ଯ୍ୟକ୍ରମରେ ଶୁକ୍ରବାର ଏପରି ମନ୍ତବ୍ୟ ଦେଇଛନ୍ତି। କେନ୍ଦ୍ରାପଡା ଟାଉନ ହଲ୍‌ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂଯୋଜକ ମଧୁସୂଦନ ଦାସ ଅଧକ୍ଷତା କରିଥିଲେ। ଡା. ସୁବାରାଓ ଭାରତୀୟ ଯୁବବର୍ଗଙ୍କୁ ସକାରାତ୍ମକ ଚିନ୍ତାଧାରା ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ରେଲୱେ ବରିଷ୍ଠ ପ୍ରଶାସକ ତଥା କବି ନିରାକାର ଦାସ, ଅଧାପିକା ଝିନ୍ନି ସିଂ, ଡା. ସମସୁର ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ପ୍ରକଳ୍ପର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଆଠଗଡ଼, ୪।୧(ସ୍ୱ.ପ୍ର.)**

ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଆଠଗଡ଼ ଉପଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅମୀୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଠଗଡ଼ ଥାନା ଆଇଆଇସି ପଦାରବିନ୍ଦ ତ୍ରିପାଠୀ, ବ୍ଲକ ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିନିଧିମାନେ ଯୋଗ ଦେଇଥିଲେ। ପୂର୍ବବର୍ଷ ପରି ଚଳିତ ବର୍ଷ ମଧ ଏହି ଦିବସ ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାର ନିଷ୍ପତ୍ତି ହୋଇଥିଲା। ଦିବସ ଅବ୍ୟବହିତ ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ସଚେତନତା ମୂଳକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଦିବସରେ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି।

# ବାଳିକା ଆତ୍ମସୁରକ୍ଷା ତାଲିମ

**ରଘୁନାଥପୁର, ୪।୧( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କୁର୍ଣ୍ଣାଙ୍ଗସ୍ଥିତ ଅରୂପାନନ୍ଦ ଜୁନିୟର କଲେଜ ପକ୍ଷରୁ ଆୟୋଜିତ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପିକା ବାସନ୍ତିଲତା ସାହୁଙ୍କ ପରିଚାଳନାରେ ୧୬୫ ଛାତ୍ରୀ ୧୨ ଦିନ ଧରି ଏହାର କଳାକୌଶଳ ସମ୍ପର୍କରେ ତାଲିମ ନେଇଥିଲେ। ମାଷ୍ଟର ଟ୍ରେନର ଭାବେ ରେଖାରାଣୀ ମଲ୍ଲିକ ଓ ରଶ୍ମିତା ବିଶ୍ୱାଳ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅଧକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଡିଗ୍ରୀ କଲେଜର ଅଧକ୍ଷ ଦିଲୀପ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରୀ ନିଜର ସୁରକ୍ଷା ପାଇଁ ତାଲିମକୁ କାର୍ଯ୍ୟରେ ଲଗାଇବାକୁ ଆହ୍ୱାନ କରିଥିଲେ। ସେହିପରି ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ରାଜ୍ୟ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ପ୍ରତ୍ୟେକ କଲେଜରେ ଆତ୍ମରକ୍ଷା ଶିବିରର ଆଭିମୁଖ୍ୟ, ସଫଳ ରୂପାୟନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଛାତ୍ରୀମାନେ ଶିଖିଥିବା କଳାକୌଶଳ ଅତିଥିଙ୍କ ସମ୍ମୁଖରେ ପ୍ରଦର୍ଶନ କରିବା ସହ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଶିଖିଥିବା କୌଶଳକୁ ସର୍ବଦା ଅଭ୍ୟାସ କରିବା ସହ ନିଜ ସାଙ୍ଗସାଥୀ ତଥା ପରିବାରରେ ଥିବା ଛୋଟଛୋଟ ଭଉଣୀଙ୍କୁ ଶିଖାଇବାକୁ ପରାମର୍ଶ ଦିଆଯାଇଥିଲା। ତେବେ ଅନାବଶ୍ୟକ ଭାବେ ଏହାକୁ ପ୍ରୟୋଗ କରି, ଅନ୍ୟର କ୍ଷତି ପହଞ୍ଚେଇବା ଅହିତକର ବୋଲି ଅଧକ୍ଷ ମହାନ୍ତି ସତର୍କ କରାଇ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପିଇଟି ତ୍ରିଲୋଚନ ମହାପାତ୍ର ସଭା ପରିଚାଳନା, ମିଟୁ ରାଉତ ଅତିଥି ପରିଚୟ ଓ ଅଧାପକ ଅଭୟ କୁମାର ମହାରଣା ଧନ୍ୟବାଦ ଦେବା ସହ କଲେଜର ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

■ ନୂଆ ଏସ୍‌ଡିପିଓ ଯୋଗଦେବେ ସୋମବାର

# ବାରାକ୍ ଚାବି ଦେଉନାହାନ୍ତି ବଦଳି ଏସ୍‌ଡିପିଓ

**ଜଗତସିଂହପୁର ଅଫିସ, ୪।୧**

ଆସନ୍ତା ୭ ତାରିଖ ଅର୍ଥାତ୍ ସୋମବାର ଦିନ ଜଗତ୍‌ସିଂହପୁର ନୂଆ ଏସ୍‌ଡିପିଓ ଭାବେ ପ୍ରକାଶ ଚନ୍ଦ୍ର ପାଲ ଯୋଗଦେବେ। ସେ ପୂର୍ବରୁ ଆଠଗଡ଼ ଏସ୍‌ଡିପିଓ ଦାୟିତ୍ୱରେ ଥିଲେ। ରାଜ୍ୟ ପୋଲିସ ନିର୍ଦ୍ଦେଶ ସଂଖ୍ୟା ୩୮୬୯/୬।୧୦।୧୮ରେ ତାଙ୍କୁ ଜଗତ୍‌ସିଂହପୁର ବଦଳି କରାଯାଇଥିଲା। କିନ୍ତୁ ବିଭିନ୍ନ ଜରୁରୀ ପରିସ୍ଥିତି ଯୋଗୁ ସେ ନୂଆ ସ୍ଥାନରେ ଯୋଗଦେବାରେ ବିଳମ୍ବ ହୋଇଛି। ଜଗତ୍‌ସିଂହପୁର ଏସ୍‌ଡିପିଓ ସୁଯୋଗ୍ୟ ମିଶ୍ରଙ୍କୁ ଏହି ତାରିଖ ନିର୍ଦ୍ଦେଶ ସଂଖ୍ୟା ୩୮୮୫ ବଳରେ ବାଲେଶ୍ୱର ଡିଆଇବି ଡିଏସ୍‌ପି ଭାବେ ବଦଳି କରାଯାଇଛି। ସେ ଏଥିମଧ୍ୟରେ ରିଲିଭ୍ ହୋଇଯାଇଥିଲେ ସୁଦ୍ଧା ନୂଆ ଷ୍ଟେସନ୍‌ରେ ଯୋଗଦେଇ ନାହାନ୍ତି। ଜଗତ୍‌ସିଂହପୁର ଥାନା ପରିସର ଏସ୍‌ଡିପିଓଙ୍କ ସରକାରୀ ବାସଭବନରେ ରହିଛନ୍ତି। ବଡ଼ କଥା ହେଲା ଏଯାଏ ବି ତାଙ୍କ ଏହି କ୍ୱାର୍ଟର ଗେଟ୍‌ରେ ସୁଯୋଗ୍ୟ ମିଶ୍ର, ଏସ୍‌ଡିପିଓ, ଜଗତ୍‌ସିଂହପୁର ସାଇନ୍ ବୋର୍ଡ ଝୁଲୁଛି । କେବଳ ଏତିକି ନୁହେଁ, ସେ ଜଗତ୍‌ସିଂହପୁର ଥାନା ପରିସର ନୂଆ ବାରାକ୍ ବିଲ୍ଡିଂ ଚାବି ରଖି ବିଭିନ୍ନ ସମୟରେ ଏହା ଭିତରେ ଯୋଗ, କସରତ ଆଦି କରୁଥିବା ସୂଚନା ମିଳିଛି। ଏହି ବିଲ୍ଡିଂ ଜଗତ୍‌ସିଂହପୁର ଆଇଆଇସିଙ୍କ ଦାୟିତ୍ୱରେ ରହିଛି। ଏସ୍‌ଡିପିଓ ମିଶ୍ର ରିଲିଭ୍ ହେବା ପୂର୍ବରୁ ଚାବି ଆଇଆଇସିଙ୍କୁ ହସ୍ତାନ୍ତର କରିବା କଥା।

### ବି.କେ.ବି. ହାଇସ୍କୁଲରୁ ଗ୍ୟାସ୍ ସିଲିଣ୍ଡର ଚୋରି

**ରାଜକନିକା, ୪।୧ (ଡି.ଏନ.ଏ.)**

ରାଜକନିକା ବ୍ଲକ ହାବଳଗଣ୍ଡସ୍ଥିତ ବି.କେ.ବି ହାଇସ୍କୁଲରୁ ଗୁରୁବାର ରାତିରେ ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଛି। ଦୁର୍ବୃତ୍ତମାନେ ସ୍କୁଲ ଘର କବାଟ ଭାଙ୍ଗି ସିଲିଣ୍ଡର ନେଇ ଯାଇଛନ୍ତି। ଶୁକ୍ରବାର ପିଅନ ସ୍କୁଲକୁ ଆସିବା ପରେ ସିଲିଣ୍ଡର ଚୋରି ହୋଇଥିବା ଜାଣି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଜଣାଇଥିଲେ। ସିଲିଣ୍ଡର ଚୋରି ଯୋଗୁ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ ରହିଥିଲା।

୧୧, ୧୨ ନଂ. ଶାଖା କେନାଲରେ ପାଣି ଛାଡିବ ଜଳସମ୍ପଦ ବିଭାଗ

# ନଷ୍ଟ ହେବ ଅପାଣିଆ ମୁଗ ଫସଲ, ଚିନ୍ତାରେ ଚାଷୀ

**ଡେରାବିଶ, ୪।୧ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ୧୧ ଓ ୧୨ ନଂ. ଶାଖା କେନାଲରେ ଆସନ୍ତା ୧୫ତାରିଖରେ ମୁଗ ଫସଲ ପାଇଁ ଜଳ ସମ୍ପଦ ବିଭାଗ ପାଣି ଛାଡିବ। ଦୀର୍ଘ ୪ବର୍ଷ ଧରି କେନାଲ ମରାମତି ଆଳରେ ରବି ଋତୁରେ ବିଭାଗୀୟ କର୍ତ୍ତୃପକ୍ଷ କେନାଲରେ ପାଣି ଛାଡୁ ନଥିଲେ। ସବୁବର୍ଷ ଭଳି ଚଳିତବର୍ଷ ମଧ ପାଣି ନ ଆସିବା ଭାବି ଚାଷୀମାନେ ଧାନ କାଟିବା ପରେ ବିଲ ହଳ କରି ଅପାଣିଆ ମୁଗ ବୁଣିଛନ୍ତି। କିନ୍ତୁ ଆସନ୍ତା ୧୫ ତାରିଖରେ ଜଳ ସମ୍ପଦ ବିଭାଗ କେନାଲରେ ପାଣି ଛାଡିବ ବୋଲି ଜାଣିବା ପରେ ଚାଷୀମାନେ ମୁଣ୍ଡରେ ହାତ ଦେଇଛନ୍ତି। ସ୍ଥାନୀୟ ଚାଷୀଙ୍କ କହିବାନୁସାରେ, କେନାଲରେ ପାଣି ଆସିବା ବେଳକୁ ଅପାଣିଆ ମୁଗ ଗଛ ଦୁଇ ପତ୍ର ଧରିଥିବ। ବିଲରେ ପାଣି ପଶିଲେ ଗଛ ସବୁ ପାଚି ନଷ୍ଟ ହେବ। କେନାଲରେ ପାଣି ଛାଡ଼ିବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ପୂର୍ବରୁ ସୂଚନା ଦେଇ ନ ଥିବାରୁ ଚାଷୀମାନଙ୍କୁ କ୍ଷତି ସହିବାକୁ ପଡ଼ିବ ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ କେନାଲରେ ପାଣି ଛଡ଼ାଯିବା ନେଇ ସମସ୍ତ ପାଣି ପଞ୍ଚାୟତକୁ ଜଣାଯିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ନୋଟିସ୍ ଲଗାଯାଇଥିବା କହିଛନ୍ତି।

# ଧାନ ବିକ୍ରି ନ ହେବାରୁ ରାସ୍ତାରୋକୋ

**ତିଗିରିଆ, ୪।୧ (ଡିଏନଏ)**

ପାଞ୍ଚଗାଁ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଥିଲେ ମଧ ମାତ୍ର ଗୋଟିଏ ପାଳି ଚାଷୀଙ୍କ ଠାରୁ ଧାନ କିଣାଯାଇଛି। ଶନିବାର ଆଉ ଗୋଟିଏ ପାଳି ରହିଥିଲେ ସୁଧା ଚାଷୀଙ୍କୁ ସେମାନଙ୍କ ଧାନ ବିକ୍ରି କରିବାର ଟୋକନ ଦିଆଯାଇନାହିଁ। ଏହାର ପ୍ରତିବାଦରେ ପଞ୍ଚଗାଁ ପଞ୍ଚାୟତର ଶତାଧିକ ଚାଷୀ ଶୁକ୍ରବାର ଅପରାହ୍ନରେ ରାସ୍ତା ରୋକ କରିଥିଲେ। ମିଲର ସରକାରଙ୍କ ପାଖରେ ଧାନ କିଣିବା ପାଇଁ ଆବଶ୍ୟକ ଦେୟ ପୈଠ କରିନଥିବାରୁ ଏଭଳି ହୋଇଛି। ଏଣେ ଦୀର୍ଘଦିନ ହେଲା ଚାଷୀମାନେ ଅମଳ କରିଥିବା ଧାନକୁ ବାହାର ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିଆସୁଛନ୍ତି। ତେଣୁ ଖୁଣ୍ଟୁଣୀ-ନରସିଂହପୁର ରାଜରାସ୍ତା ଉପରେ ଚାଷୀ ଧାରଣା ଦେଇଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଝାସୁଝା କରିବା ପରେ ଚାଷୀମାନେ ଧାରଣାରୁ ଓହରିଥିଲେ।

# ଭୂତମୁଣ୍ଡାଇରେ ଟ୍ରକ୍ ଟର୍ମିନାଲକୁ ବିରୋଧ

**କୁଜଙ୍ଗ, ୪।୧(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇଠାରେ ପ୍ରସ୍ତାବିତ ଟ୍ରକ ଟର୍ମିନାଲ ନିର୍ମାଣକୁ ଶୁକ୍ରବାର ସ୍ଥାନୀୟ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଘୋର ବିରୋଧ କରାଯାଇଛି। ତୀବ୍ର ବିରୋଧର ସମ୍ମୁଖୀନ ହୋଇ ନ ପାରି ଯନ୍ତ୍ରୀ ଏବଂ ଠିକାଦାର କାର୍ଯ୍ୟସ୍ଥଳରୁ ଫେରିଯାଇଛନ୍ତି। ତେବେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପ ଫଳରେ ସେମାନେ ପରବର୍ତ୍ତୀ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଆଉ କାର୍ଯ୍ୟ କରିବେ ନାହିଁ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିବା ଜଣାପଡ଼ିଛି।

ପ୍ରକାଶଯେ,ପାରାଦୀପ ବନ୍ଦର ପକ୍ଷରୁ ଭୂତମୁଣ୍ଡାଇ ଜାତୀୟ ରାଜପଥ ପାର୍ଶ୍ୱରେ ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା କରାଯାଇଛି । ମାତ୍ର ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ସେଠାରେ ଟ୍ରକ ଟର୍ମିନାଲକୁ ବାତିଲ କରିବା ସହିତ ସୁପର ସ୍ପେଶିଆଲିଟି ହସ୍ପିଟାଲ ଓ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରାଯାଉଛି। ଏନେଇ ୬ ମାସରୁ ଊର୍ଦ୍ଧ୍ୱ ହେବ ଆନ୍ଦୋଳନ ଡାକରା ଦିଆଯାଇଛି । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଶୁକ୍ରବାର ଏଠାରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଏବଂ ପାରାଦୀପ ବନ୍ଦରର ଜନୈକ ଯନ୍ତ୍ରୀ ଲୁଚିଲୁଚି ପ୍ରସ୍ଥାବିତ ସ୍ଥାନରେ ହାଇୱା ଯୋଗେ ବାଲି ପକାଉଥିଲେ। ତେବେ ଏହି ଖବରପାଇ ସ୍ଥାନୀୟ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ଆଇନଜୀବୀ ସଞ୍ଜୟ କୁମାର ବେହେରା, ବିଶ୍ୱାଳି ସମିତିସଭ୍ୟ ରଞ୍ଜନ କୁମାର ସେଠୀ, ଶ୍ରମିକନେତା ପ୍ରକାଶ ତ୍ରିପାଠୀ, ତପନ କୁମାର ତ୍ରିପାଠୀ, ପ୍ରମୋଦ କୁମାର ଜେନା, ମିନର୍ଭା ପରିଡ଼ା, ଦେବବାଳା ମହାପାତ୍ର, ଜାନକୀ ମହାରଥା ପ୍ରମୁଖ ଶତାଧିକ ସ୍ଥାନୀୟ ଲୋକ ବିରୋଧ କରିଥିଲେ। ସମ୍ପୃକ୍ତ ଯନ୍ତ୍ରୀ ମେଡ଼ିକାଲ ପ୍ରତିଷ୍ଠା ହେଲେ ଏହି ଅଞ୍ଚଳରେ ପ୍ରଦୂଷଣ ହେବ ବୋଲି ସେମାନଙ୍କୁ ତାଚ୍ଛଲ୍ୟ କରିବା ସହିତ ଟ୍ରକ ଟର୍ମିନାଲ ହେଲେ ସେମାନଙ୍କର ଲାଭ ହେବ ବୋଲି କହିଥିବା ଲୋକମାନେ ପ୍ରକାଶ କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକମାନେ ତୀବ୍ର ବିରୋଧ କରିବା ସହିତ ପରବର୍ତ୍ତୀ ସମୟରେ କାମ ନ କରିବା ପାଇଁ ଦାବି କରି ସମ୍ପୃକ୍ତ ଠିକାଦାରଙ୍କ ଗାଡ଼ି ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ଘଟଣା କ୍ରମଶଃ ଜଟିଳ ହୋଇପଡ଼ିଥଲା। ଏଥିରେ ହସ୍ତକ୍ଷେପ କରି ପାରାଦୀପ ଅତିରିକ୍ତ ଏଏସପି ବିଷ୍ଣୁପ୍ରସାଦ ମିଶ୍ର ଆନ୍ଦୋଳନକାରୀଙ୍କୁ କାର୍ଯ୍ୟ ବନ୍ଦ କରାଯିବା ନେଇ ମୋବାଇଲ ଜରିଆରେ ପ୍ରକାଶ କରିଥିଲେ। ସେ ବନ୍ଦର ଅଧ୍ୟକ୍ଷଙ୍କ ସହିତ ଏନେଇ ଆଲୋଚନା କରିଛନ୍ତି। କୌଣସି ନିଷ୍ପତ୍ତି ନ ହେବା ଯାଏ କାର୍ଯ୍ୟ ବନ୍ଦ ରହିବ ବୋଲି ସେ କହିଥିବା ପୂର୍ବତନ ସରପଞ୍ଚ ସ୍ୱାଇଁ ପ୍ରକାଶ କରିଛନ୍ତି।



ଟ୍ରକ୍ ଟର୍ମିନାଲକୁ ବିରୋଧ କରୁଥିବା ଗ୍ରାମବାସୀ ଓ ପଞ୍ଚାୟତ ପ୍ରତିନିଧି।

■ ଲୁଚିଛପି ବାଲି ପକାଉଥିଲେ
■ ଫେରିଗଲେ ଯନ୍ତ୍ରୀ, ଠିକାଦାର

# ବିନା ସୁରକ୍ଷାରେ ଭିତରକନିକାକୁ ପର୍ଯ୍ୟଟକଙ୍କ ନୌଯାତ୍ରା

**ରାଜନଗର,୪।୧(ଡି.ଏନ.ଏ.)**

ଶୀତର ପ୍ରକୋପ ଜାରି ରହିଥିବା ବେଳେ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନକୁ ପର୍ଯ୍ୟଟକମାନଙ୍କ ଆଗମନ ବଢିବାରେ ଲାଗିଛି। ସପ୍ତାହକ ମଧ୍ୟରେ ଏଠାକୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଛନ୍ତି। ଅଧିକାଂଶ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ ପାଇଁ ନୌକାଯାତ୍ରାକୁ ଅଧିକ ପସନ୍ଦ କରିଥାନ୍ତି । ବିଶେଷ କରି ଗୁପ୍ତି ଘାଟ ଠାରୁ ୨ ଘଣ୍ଟା ଜଳଯାତ୍ରା କରିବା ସମୟରେ ପ୍ରକୃତିର ବିଭିନ୍ନ ଶୋଭାକୁ ଉପଭୋଗ କରିବା ସହିତ ଦୁଇପାର୍ଶ୍ୱରେ ବଉଳାକୁମ୍ଭୀରମାନଙ୍କୁ ଖରା ପୋଉଁଥିବା ଦେଖିବାର ସୁଯୋଗ ପାଇଥାନ୍ତି । ତେବେ ଦେଶ ବିଦେଶର ପର୍ଯ୍ୟଟକମାନେ ନୌକାଯାତ୍ରା କରିବା ସମୟରେ ରାଜନଗର ବନବିଭାଗ ପକ୍ଷରୁ ସେମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଫଳରେ ପର୍ଯ୍ୟଟକମାନେ ବିପଦସଙ୍କୁଳ ଭାବେ କୁମ୍ଭୀରପ୍ରବଣ ନଈରେ ନୌଯାତ୍ରା କରୁଛନ୍ତି। କୌଣସି ଅଘଟଣ ଘଟିଲେ ଜଣେ ବି ଜୀବନ ଧରି ଫେରିବା ଆଶା କମ୍‌। ଏହାସତ୍ତ୍ୱେ ବନବିଭାଗ ବେପରୁଆ ଭାବେ ସୁରକ୍ଷା ବ୍ୟବସ୍ଥାକୁ ଢିଲା ଛାଡି ଦେଇ ବସିଛି। ସେହିପରି ପ୍ରାଇଭେଟ୍‌ ବୋଟ୍‌ଗୁଡିକରେ ମାତ୍ର ୨/୪ଟି ଲେଖାଏଁ ଲାଇଫ୍‌ ଜ୍ୟାକେଟ୍‌ ରହିଛି। ୨୦ରୁ ୨୨ ଜଣ ପର୍ଯ୍ୟଟକଙ୍କ ପାଇଁ ନାମକୁ ମାତ୍ର ଲାଇଫ୍‌ ଜ୍ୟାକେଟ୍‌ ରଖି ପର୍ଯ୍ୟଟକଙ୍କୁ ନେବା ଆଣିବା କରାଯାଉଛି। ବୋଟରେ ଦୁଇ ଚାରୋଟି ଲାଇଫ ଜ୍ୟାକେଟ କେବଳ ଲୋକ ଦେଖାଣିଆ ରହିଥିବା ବେଳେ କୌଣସି ପର୍ଯ୍ୟଟକ ଲାଇଫ ଜ୍ୟାକେଟ ପିନ୍ଧିବା କେହି କେବେ ଦେଖିନାହାନ୍ତି। ଗତ ୨ ତାରିଖ ଦିନ କେନ୍ଦ୍ରାପଡା ଜିଲାର ହୁକିଟୋଲାକୁ ବଣଭୋଜି କରିବା ପାଇଁ ଯାଇ ଜଗତସିଂହପୁର ଜିଲା କୁଜଙ୍ଗ ପାଖ ହସିଣା ଗାଁର ଲୋକେ ସନ୍ଧ୍ୟାରେ ଫେରିବା ବେଳେ ମହାକାଳପଡା ନିକଟ ନିପାଣିଆ ବାଲିଘାଟଠାରେ ଡଙ୍ଗା ବୁଡି ଯାଇଥିଲା । ଫଳରେ ୧୦ଜଣ ଅକାଳରେ ପ୍ରାଣ ହରାଇଥିଲେ । ଏହି ଦୁଃଖଦ ଘଟଣା ପରେ ଭିତରକନିକାରେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପର୍ଯ୍ୟଟକମାନେ ଜଳପଥରେ ଗୁପ୍ତି, ଖୋଲା, ଚାନ୍ଦବାଲି, ଧାମରା, ଜୟନଗରରୁ ବୋଟ୍‌ ଓ ଲଞ୍ଚ ଯୋଗେ ଭିତରକନିକା ଯାଇଥାନ୍ତି। କେବଳ ଗୁପ୍ତିରେ ବନବିଭାଗର ୩ଟି ଲଞ୍ଚ୍‌ ଓ ୭ଟି ଆଇସିଜେଡ୍‌ଏମ୍‌ପିର କାଟାମାରାନ୍‌ ବୋଟ୍‌ ଥିବା ବେଳେ ଖୋଲାରେ ବନବିଭାଗର ଗୋଟିଏ ଲଞ୍ଚ ରହିଛି। ଗୁପ୍ତିରେ ୨୫ଟି, ଖୋଳାରେ ୧୬ଟି, ଚାନ୍ଦବାଲିରେ ୧୯ଟି, ଧାମରାରେ ୨ଟି, ଜୟନଗରରେ ୪ଟିକୁ ମିଶାଇ ମୋଟ୍‌ ୬୬ଟି ଘରୋଇ ବୋଟ୍‌ ରହିଛି। ଭିତରକନିକାରେ ପର୍ଯ୍ୟଟକ ପରିବହନ ବ୍ୟବସ୍ଥା ମୁଖ୍ୟତଃ ଘରୋଇ ବୋଟ ଉପରେ ନିର୍ଭରଶୀଳ। ଏହି ୬୬ଟି ଘରୋଇ ବୋଟ୍‌କୁ ଭିତରକନିକାରେ ପର୍ଯ୍ୟଟକଙ୍କୁ ନେବା ଆଣିବା କରିବା ପାଇଁ ବନବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି। କିନ୍ତୁ ଘରୋଇ ବୋଟ୍‌ଗୁଡିକରେ ବିପଦସଙ୍କୁଳ ଭାବେ ପର୍ଯ୍ୟଟକମାନେ ଯିବାଆସିବା କରୁଥିବା ନେଇ ଅଭିଯୋଗ ହୋଇଛି। ଏହି ବୋଟ୍‌ ଗୁଡିକରେ ୨୦ ଜଣ ଲେଖାଁଏ ପର୍ଯ୍ୟଟକ ଯାଇଥାନ୍ତି । ଏହାଛଡା ପ୍ରତି ବୋଟ୍‌ରେ କର୍ମଚାରୀ ଅଛନ୍ତି । ବୋଟ୍‌ କର୍ମଚାରୀ ଓ ପର୍ଯ୍ୟଟକଙ୍କୁ ମିଶାଇ ପ୍ରତି ବୋଟ୍‌ରେ ୨୦ରୁ ୨୫ଜଣ ଯିବାଆସିବା କରିବା ପାଇଁ ଅନୁମତି ଦିଆଯାଇଛି। କେଉଁ ବୋଟ୍‌ରେ ନାମକୁ ମାତ୍ର ଲାଇଫ ଜ୍ୟାକେଟ ଅଛି ଆଉ କେଉଁ ବୋଟ୍‌ରେ ଆଦୌ ନାହିଁ। ଫଳରେ ପର୍ଯ୍ୟଟକମାନେ ଅସୁରକ୍ଷିତ ଭାବେ ନୌଯାତ୍ରା କରୁଥିଲେ ମଧ୍ୟ ଏଥିପ୍ରତି ବନବିଭାଗ ଓ ପ୍ରଶାସନର ନଜର ନାହିଁ।


ଅସୁରକ୍ଷିତ ଭାବେ ଯାତ୍ରୀମାନେ ଡଙ୍ଗାରେ ଯାଉଛନ୍ତି।

- ଡଙ୍ଗା ଚାଳକଙ୍କୁ ତାଲିମ ଦିଆଯାଉ
- ଅଧିକାଂଶ ବୋଟରେ ଲାଇଫ ଜ୍ୟାକେଟ ରହୁନାହିଁ
- ନିୟମ ପାଳନରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ

## ସେମାନେ ଯାହା କୁହନ୍ତି

ଯାତ୍ରୀମାନଙ୍କ ସୁରକ୍ଷା ଦିଗରେ ଆମେ ଯତ୍ନବାନ ଅଛୁ । ଯେଉଁ ଘରୋଇ ବୋଟ ଚଳାଚଳ କରୁଛି ତାର ମାଲିକମାନଙ୍କୁ ଆମେ ଲାଇଫ ଜ୍ୟାକେଟ ନେବାକୁ ସତର୍କ କରାଇଛୁ। ଆଗାମୀ ଦିନରେ ଏହାର ଖିଲାପ କଲେ ବୋଟ ମାଲିକମାନଙ୍କ ଲାଇସେନ୍ସ ବାତିଲ କରାଯିବ।

–ସୁବ୍ରତ କୁମାର ପାତ୍ର, ଅତିରିକ୍ତ ବନ ସଂରକ୍ଷକ,ରାଜନଗର।



ଡଙ୍ଗାବୁଡି ଘଟଣା ପରେ ସମସ୍ତେ ସଚେତନ ହେବା ଜରୁରୀ । ଲାଇଫ ଜ୍ୟାକେଟ ଓ ଡଙ୍ଗାର ଫିଟନେସ ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ।

–ଅନିତା ଜେନା, ରାଜନଗର



ଚାନ୍ଦବାଲି, ଜୟନଗର, ଖୋଲା, ଗୁପ୍ତିଘାଟ ଓ ବରୁଣେଇ ମୁହାଣ ଦେଇ ଯାତାୟାତ କରୁଥିବା ଘରୋଇ ଓ ସରକାରୀ ବୋଟ, ଡଙ୍ଗାଗୁଡିକର ଫିଟ୍‌ନେସ ପ୍ରତି ପ୍ରାଥମିକତା ଦେବା ସହିତ ବୋଟ ଚାଳକମାନଙ୍କୁ ତାଲିମ ଦିଆଯିବା ଦରକାର।

– ଅତୁଳ ବଳ, ଅଧ୍ୟାପକ, ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ।

## ସଂକ୍ଷେପରେ

### କରଞ୍ଜି ଗ୍ରାମରେ ଅଗ୍ନିକାଣ୍ଡ, ୭ ଧାନଗଦା ଜଳିଗଲା

**ମାର୍ଶାଘାଇ/ମହାକାଳପଡ଼ା, ୪।୧ (ଡିଏନଏ):** ମାର୍ଶାଘାଇ ଥାନା ତଥା ମହାକାଳପଡା ବ୍ଲକ କରଞ୍ଜ ଗ୍ରାମର ପ୍ରଭାକର ସ୍ୱାଇଁଙ୍କ ଧାନଖଳାରେ ଶୁକ୍ରବାର ଭୋର ସମୟରେ ନିଆଁ ଲାଗି ୭ଟି ଧାନଗଦା ପୋଡି ଯାଇଛି । ଖବର ପାଇ ମାର୍ଶାଘାଇ ଓ ମହାକାଳପଡାରୁ ନିଆଁ ଲିଭାଳୀ ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ନିକଟରେ ଥିବା ଅନ୍ୟ ଚାଷୀମାନଙ୍କ ଧାନ ଗଦା ସୁରକ୍ଷିତ ଥିବା ବେଳେ ପ୍ରଭାକରଙ୍କ ଧାନଗଦା ପୋଡି ଯାଇଥିବାରୁ କୌଣସି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ ।

### ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି

**କେନ୍ଦ୍ରାପଡା ଅଫିସ, ୪।୧:** ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଡିଆର୍‌ଡିଏ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୨୨ତାରିଖରୁ ୩ ଦିନ ପର୍ଯ୍ୟନ୍ତ ପ୍ରତିଯୋଗୀଙ୍କ ଅଭ୍ୟାସ, ୨୬ ତାରିଖ ସକାଳ ୮. ୩୦ ମିନିଟରେ ପତାକା ଉତ୍ତୋଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର ହୋଇଥିଲା। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ, ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଡିଇଓ କଳ୍ପନା କୁମାରୀ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସମେତ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବନ୍ଧୁମିଳନ ଉତ୍ସବ

**ମାର୍ଶାଘାଇ,୪।୧(ଡିଏନଏ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୮ ମସିହା ମାଟ୍ରିକ ବ୍ୟାଚ୍‌ ଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବ ଶୁକ୍ରବାର ସ୍ଥାନୀୟ ବାଲିକଷୋଟି ଲୁଣାନଦୀ ପଠା ଝାଉଁବଣରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚର ଛାତ୍ର ଉମାକାନ୍ତ ବେହେରା ଓ ତରୁଣ ସୂର୍ଯ୍ୟକାନ୍ତ ବେହେରାଙ୍କ ଆବାହକତ୍ୱରେ ଏହି ଉତ୍ସବ ହୋଇଥିଲା । ଏଥିରେ ସୁବ୍ରତ ବେହେରା,ସମୀର ମହାପାତ୍ର, ଅବିନାଶ ବେହେରା, ରଜନୀକାନ୍ତ ନାୟକ, ଶକ୍ତିରଞ୍ଜନ ସାମଲ, ରାଜୁ ସିଂହ, ଅକ୍ଷୟ ସେଠୀ, ଶ୍ରୀକାନ୍ତ ସେଠୀ, ଦୀପକ ସେଠୀ ପ୍ରମୁଖ ଏକତ୍ରିତ ହୋଇ ଛାତ୍ର ଜୀବନର ସ୍ମୃତିଚାରଣ କରିବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରମାନେ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ ।

### ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର




**ପଟ୍ଟାମୁଣ୍ଡାଇ, ୪ । ୧ (ସ୍ୱ.ପ୍ର) :** ବାଳିକାମାନଙ୍କୁ ଆତ୍ମସୁରକ୍ଷା ପାଇଁ ବିଭିନ୍ନ କୌଶଳ ମାଧ୍ୟମରେ ତାଲିମ ଦେଇ ଦକ୍ଷ କରିବା ଲକ୍ଷ୍ୟରେ ବିଭିନ୍ନ କଲେଜରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ତାଲିମ ଶିବିର ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବ୍ଲକ ଅଣରା ଉଷାଦେବୀ ମହିଳା କଲେଜରେ ଅନୁଷ୍ଠିତ ମହିଳା ଆତ୍ମ ସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି । ଏହି ଶିବିର ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କଲେଜ ପକ୍ଷରୁ ସ୍ଥିର ହୋଇଛି । କଲେଜରେ ଅଧ୍ୟୟନରତ ୯୦ଜଣ ବାଳିକାଙ୍କୁ ୩ଟି ଭାଗରେ ବିଭକ୍ତ କରାଯାଇ ତାଲିମ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି । କଲେଜ ଅଧ୍ୟକ୍ଷା ଶକୁନ୍ତଳା ରାଉତ ଶିବିରକୁ ଉଦ୍‌ଘାଟନ କରି ବାଳିକାମାନେ ତାଲିମ ଗ୍ରହଣ କରି ସେମାନଙ୍କ ସୁରକ୍ଷା କରିବା ସହ ସମ୍ମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଶିବିରରେ କେନ୍ଦ୍ରାପଡା ଜିଲା ଯୁକ୍ତ୨ କଲେଜ ନୋଡାଲ ଅଫିସର ଡ଼. ବଳରାମ ଲେଙ୍କା, ପ୍ରଶିକ୍ଷିକା ରଶ୍ମିତା ପ୍ରିୟଦର୍ଶିନୀ ପାତ୍ର, ଅଧାପିକା କବିତା ରାଉତ, ମଳୟ ମଞ୍ଜରୀ ନାୟକ, ମଞ୍ଜୁଶ୍ରୀ ଜେନା ପ୍ରମୁଖ ଶିବିରରେ ଯୋଗ ଦେଇ ବାଳିକାମାନଙ୍କୁ ଉତ୍ସାହିତ କରିଥିଲେ ।

## ଆନ୍ତଃ ରାଜ୍ୟ କଳିଙ୍ଗ କ୍ରିକେଟ୍‌: ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ

**ମାର୍ଶାଘାଇ, ୪।୧(ଡିଏନଏ)**

ମାର୍ଶାଘାଇ ଥାନା ଅନ୍ତର୍ଗତ ଓସ୍ତର ହାଟ ପଡ଼ିଆରେ ଅନୁଷ୍ଠିତ ଆନ୍ତରାଜ୍ୟ କଳିଙ୍ଗ କ୍ରିକେଟ୍‌ ଟୁର୍ନାମେଣ୍ଟରେ କଟକର ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ବାଲାବାବା କେନ୍ଦ୍ରାପଡ଼ା ଓ ୟୁନିୟନ ସ୍ପୋର୍ଟିଂ ପରସ୍ପରକୁ ଭେଟିଥିଲେ। ଏଥିରେ ୟୁନିୟନ ସ୍ପୋର୍ଟିଂ କଟକ ବିଜୟୀ ହୋଇ ୨୦୧୮ ସଂସ୍କରଣର ଟାଇଟଲ ହାସଲ କରିଥିଲା । ୩ ପର୍ଯ୍ୟାୟରେ ହେଉଥିବା ଏହି ଫାଇନାଲ ମ୍ୟାଚରେ ପ୍ରଥମ ୧୫ ଓଭର ବିଶିଷ୍ଟ ମ୍ୟାଚକୁ କେନ୍ଦ୍ରାପଡ଼ାର ବାଲାବାବା ଜିତି ନେଇଥିଲା। ୨ୟ ପର୍ଯ୍ୟାୟରେ ୮ ଓଭର ବିଶିଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ୟୁନିୟନ୍‌ ସ୍ପୋର୍ଟିଂ କଟକ ସହଜରେ ବିଜୟ ଲାଭ କରି ସ୍ଥିତ ବରାବର କରିଥିଲା। ଅନ୍ତିମ ତଥା ୩ୟ ପର୍ଯ୍ୟାୟରେ ୫ ଓଭର ବିଶିଷ୍ଟ ମ୍ୟାଚ କରାଯାଇଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରି ୟୁନିୟନ୍‌ ସ୍ପୋର୍ଟିଂ ୨ ଉଇକେଟ୍‌ ହରାଇ ୮୪ ରନ୍‌ ସଂଗ୍ରହ କରିଥିଲା। ଜବାବରେ କେନ୍ଦ୍ରାପଡ଼ା ବାଲାବାବା ୫ ଓଭରରେ ୫ ଉଇକେଟ୍‌ ହରାଇ ମାତ୍ର ୬୪ ରନ୍‌ ସଂଗ୍ରହ କରି ପାରିଥିଲା । ଫଳରେ ୟୁନିୟନ୍‌ ସ୍ପୋର୍ଟିଂ ଏହି ୩ ପର୍ଯ୍ୟାୟ ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ୨-୧ ରେ ବିଜୟ ଲାଭ କରି ୨୦୧୮ର ଚାମ୍ପିୟନ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମାର୍ଶାଘାଇ ଅମ୍ବିକା/ ଅଶୋକା ପ୍ରତିଷ୍ଠାନର ରାଜେଶ ମାହେଶ୍ୱରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ୟୁନିୟନ ସ୍ପୋର୍ଟିଂ ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ରେଳ ବିକାଶ ନିଗମ ଲିମିଟେଡ଼ର ସତ୍ୟ ପ୍ରକାଶ ଯୋଗଦେଇ ରନର୍ସ ଅପ୍‌ କେନ୍ଦ୍ରାପଡ଼ା ବାଲାବାବାକୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ ।



ବିଜୟୀ ଦଳର ଖେଳାଳିମାନେ।

## ଜମିଜମା ବିବାଦରୁ ଜଣଙ୍କୁ ଅପହରଣ ଅଭିଯୋଗ

**ରାଜକନିକା,୪।୧ (ଡି.ଏନ୍‌.ଏ.)**

ରାଜକନିକା ବ୍ଲକ ଅଧୀନ ଭାରିଗଦା ପଞ୍ଚାୟତ କେଶନଗର ଗ୍ରାମର ଗୋଲେଖ ଜେନା (୪୫)ଙ୍କୁ ଅପହରଣ କରାଯାଇଛି। ଏ ନେଇ ତାଙ୍କ ସ୍ତ୍ରୀ ସବିତା ଶୁକ୍ରବାର ରାଜକନିକା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଗୁରୁବାର ରାତିରେ ଗୋଲେଖ ତାଙ୍କର ଜଣେ ସହଯୋଗୀଙ୍କ ସହ ରାଜମିସ୍ତ୍ରି କାର୍ଯ୍ୟ ସାରି ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ କଟକ-ଚାନ୍ଦିବାଲି ରାସ୍ତାର ଭାରିଗଦାଠାରେ କେତେଜଣ ଦୁର୍ବୃତ୍ତ ଏକ ଧଳା କାର୍‌ରେ ଆସି ଗୋଲେଖଙ୍କୁ ଉଠାଇ ନେଇ କଟକ ଆଡ଼କୁ ଦ୍ରୁତଗତିରେ ପଳାଇଥିଲେ। ଏ ନେଇ ଗୋଲେଖଙ୍କ ସହଯୋଗୀ ତାଙ୍କ ଘରେ ଜଣାଇବା ପରେ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର ପତ୍ତା ମିଳି ନଥିଲା। ପୂର୍ବରୁ ଗୋଲେଖଙ୍କର ରାଜକନିକା ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ସହ ଜମିଜମାକୁ ନେଇ ବିବାଦ ରହିଛି। ଏହି ବିବାଦକୁ କେନ୍ଦ୍ର କରି ତାଙ୍କୁ ଅପହରଣ କରାଯାଇଥିବା ସବିତା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ୨/୧୯ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବିଦ୍ୟାଳୟରେ ପଶି କାଗଜପତ୍ର ଫିଙ୍ଗିଲେ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପିଟିଲେ

**୨ ଯୁବକଙ୍କ ଉନ୍ମତ୍ତକାଣ୍ଡ**

**ରାଜନଗର, ୪।୧(ଡିଏନଏ)**

ରାଜନଗର ବ୍ଲକ କୋଇଲିପୁରସ୍ଥିତ ପାଟ୍ଟକୁମାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଶୁକ୍ରବାର ୨ଜଣ ଅସାମାଜିକ ଯୁବକ ପଶି ଉନ୍ମତ୍ତକାଣ୍ଡ ଘଟାଇଛନ୍ତି । ସେମାନେ ବିଦ୍ୟାଳୟର ପିଲାମାନଙ୍କୁ ଧମକ ଦେବା ସହ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାଡ ମାରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢାଉ ଜାରି ରଖିଛି।

ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଦ୍ୟାଳୟ ଚାଲୁଥିବା ସମୟରେ କୋଲଇପୁର ଗାଁର ୨ ଜଣ ଯୁବକ ବିଦ୍ୟାଳୟ ମଧ୍ୟରେ ପଶି ଛାତ୍ରୀଛାତ୍ରଙ୍କୁ ଧମକ ଦେଇଥିଲେ। ଶିକ୍ଷକମାନେ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ମାଡ ମାରିଥିଲେ। ଏପରି କି ଜଣେ ଶିକ୍ଷୟିତ୍ରୀଙ୍କୁ ଟଣାଓଟରା କରିଥିଲେ। ଅଫିସ ମଧ୍ୟରେ ପଶି କାଗଜପତ୍ର ଚିରି ଫୋପଡା ଫିଙ୍ଗା କରିଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୈତାରୀ ବରାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରେ ସଂପୃକ୍ତ ଯୁବକ ଦୁଇଜଣ ବିଦ୍ୟାଳୟ ଖୋଲିବା ଦିନ ଚାନ୍ଦା ମାଗିଥିଲେ। ଚାନ୍ଦା ନ ଦେବାରୁ ଏପରି କାଣ୍ଡ ଘଟାଇଥିବା ଦର୍ଶାଇଛନ୍ତି। ଏହି ଘଟଣାରେ ଶିକ୍ଷକ ସୁଶାନ୍ତ କୁମାର ରାଉତ, ଦୀପ୍ତିମୟୀ ବେହେରା, ଶୁକଦେବ ବାରିକ, ନିରଞ୍ଜନ ବେହେରା ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ପୋଲିସ ଅଭିଯୋଗ ପାଇବା ପରେ ମାମଲା ରୁଜୁ କରିଛି।

## ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ରାଜନଗର, ୪।୧(ଡିଏନଏ)**

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ କୃଷ୍ଣନଗର ଗାଁରେ ଗତ ୩ ବର୍ଷ ତଳେ ବିବାହ କରିଥିବା ଜଣେ ମହିଳାଙ୍କୁ ଶାଶୁଘର ଲୋକେ ବିଷ ପିଆଇ ମାରି ଦେଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଜଗନ୍ନାଥ ପାତ୍ରଙ୍କୁ ଗିରଫ କରାଯାଇଛି। ଅଭିଯୋଗ ମୁତାବକ, ଚାଆଁରାକୋଲା ଗାଁର ଶୁକଚାନ୍ଦ ମାନାଙ୍କ ମଝିଆଁ ଝିଅ ସୀତାରାଣୀ କୃଷ୍ଣନଗର ଗାଁର ଗୌର ପାତ୍ରଙ୍କ ପୁଅ ଜଗନ୍ନାଥଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ପୁତ୍ର ସନ୍ତାନ ଅଛି । ସାନର ବୟସ ୬ ମାସ। ବିବାହ ପରେ ସୀତାରାଣୀଙ୍କୁ ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ପୂର୍ବରୁ ୨ଥର ଆପୋଷ ସମାଧାନ ହୋଇଥିଲା। ତେବେ ଗତ ୩ ତାରିଖ ଦିନ ଝିଅ ଦେହ ଖରାପ କହି ଶାଶୁଘର ଲୋକେ ଡକାଇଥିଲେ। ବାପଘର ଲୋକେ ପହଞ୍ଚିବା ପୂର୍ବରୁ ଝିଅକୁ ମେଡିକାଲ ନେଇ ଯାଇଥିଲେ। କିନ୍ତୁ ସୀତାରାଣୀଙ୍କୁ ତାଙ୍କ ଶାଶୁଘର ଲୋକେ ବିଷ ପିଆଇ ମାରି ଦେଇଛନ୍ତି ବୋଲି ଶୁକଚାନ୍ଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ କେଶ ନଂ ୧/୨୦୧୯ ଦଫା ୪୯୮ ଏ, ୩୦୨, ୩୦୪ ବି, ୩୪ ଆଇପିସି, ୪ ଡିପି ଆକ୍ଟରେ ମାମଲା ରୁଜୁ ହୋଇଛି।

## ଆଳି ଧୋୟାଞ୍ଚଳରେ ଫାଣ୍ଡି ପ୍ରତିଷ୍ଠା ଦାବି

**ଆଳି, ୪।୧ (ଡି.ଏନ୍‌.ଏ.)**

ଏକଦା ଆଳି ବ୍ଲକର ଅପହଞ୍ଚ ଇଲାକା ଭାବରେ ପରିଚିତ ଥିବା ଆଳି ଧୋୟାଞ୍ଚଳରେ ଏକ ଫାଣ୍ଡିର ଆବଶ୍ୟକତା ଦେଖାଦେଇଛି। ଗୋବିନ୍ଦପୁର, କେନ୍ତୁଆପାଳ, ଦେସାହି, ପାଳିମି, ପେଟପଡା, ସଂସିଧା, ଅରଗଳ, ଡିମିରିପାଳ, ପଦ୍ମିନିପାଳ, ଏରଡ଼ଙ୍ଗ, ଜୁଆଣିଆ ପଞ୍ଚାୟତକୁ ନେଇ ଗଠିତ ଆଳି ଧୋୟାଞ୍ଚଳର ଅନେକ ଅଞ୍ଚଳ ଆଳି ବ୍ଲକ ଓ ଆଳି ଥାନାଠାରୁ ୨୫ କି.ମି. ଦୂରରେ ଅବସ୍ଥିତ। କୌଣସି ଦୁର୍ଘଟଣା ଘଟିଲେ ଆଳି ଥାନାରେ ଖବର ଦେବା ବେଳକୁ ଦୁର୍ଘଟଣା ଘଟାଇଥିବା ଲୋକମାନେ ଅନାୟାସରେ ଖସି ଚାଲିଯାଉଛନ୍ତି। ଥାନାଠାରୁ ବହୁ ଦୂରରେ ଏହି ଅଞ୍ଚଳ ରହୁଥିବାରୁ ଦିନକୁ ଦିନ ଅପରାଧ ମଧ୍ୟ ବଢ଼ି ବଢ଼ି ଚାଲୁଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ୨୦୧୦ରେ ତତ୍କାଳୀନ କେନ୍ଦ୍ରାପଡା ଏସ୍‌ପି ଗୋବିନ୍ଦପୁରଠାରେ ଏକ ପୋଲିସ ବିଟ ହାଉସ ଖୋଲିଥିଲେ। ଏହି ବିଟ ହାଉସଟି ୨ ବର୍ଷ କାର୍ଯ୍ୟକ୍ଷମ ହେବାପରେ ବନ୍ଦ ହୋଇ ପଡ଼ିରହିଛି। ସେତେବେଳେ କେତେକାଂଶରେ ଅପରାଧ କମି ଥିବା ବେଳେ ଏବେ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଶୋକ ଖବର

**ରାଜନଗର, ୪।୧(ଡିଏନଏ)**

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ କହ୍ନୁଆ ଗାଁର ଚଞ୍ଚଳା ପ୍ରଧାନଙ୍କର ଗତ ୨ ତାରିଖ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ । ପ୍ରବଳ ଥଣ୍ଡା ସହି ନ ପାରି ସେ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କ ଠାରୁ ଜଣାପଡିଛି। ତାଙ୍କର ଏକମାତ୍ର ପୁତ୍ର ସୂର୍ଯ୍ୟକାନ୍ତ ପ୍ରଧାନ ଓ ପରିବାର ଲୋକେ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ।

## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟିତ

**ରାଜନଗର, ୪।୧(ଡିଏନଏ)**

ସଂସ୍କୃତ ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ୧୦ ଦିନ ପର୍ଯ୍ୟନ୍ତ ଚାଲିବ। ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସଂସ୍କୃତ ଭାଷା ଓ ସାହିତ୍ୟ ଉପରେ ପ୍ରଶିକ୍ଷଣ ଦିଆଯାଉଛି। ପଣ୍ଡିତ ସରୋଜ କୁମାର ଦାସ ପ୍ରଶିକ୍ଷଣ ଦେଉଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର, ଡ. ବିକ୍ରମାଦିତ୍ୟ ଦାସ, ବରିଷ୍ଠ ଅଧ୍ୟାପକ ଅକ୍ଷୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।



ଶିବିରର ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ଓ ଅନ୍ୟମାନେ।

## ଅଙ୍ଗୁଳାଇ କପ୍‌ କ୍ରିକେଟ ଉଦ୍‌ଘାଟିତ: ନିମପୁର ସ୍ପୋର୍ଟିଂ ବିଜୟୀ

**ମାର୍ଶାଘାଇ,୪।୧(ଡିଏନଏ)**

ମାର୍ଶାଘାଇ ବ୍ଲକ୍‌ ଅଙ୍ଗୁଳାଇ ହାଇସ୍କୁଲ ଖେଳପଡିଆରେ ୧୪ତମ ଅଙ୍ଗୁଳାଇ କପ୍‌ କ୍ରିକେଟ୍‌ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦୁର୍ଗାବତୀ ପ୍ରଧାନ,ସମିତି ସଭ୍ୟ ଅଜୟ ରାଉତ,ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ପୂର୍ବତନ ନିର୍ଦ୍ଦେଶକ ପ୍ରାଣକୃଷ୍ଣ ବେହେରା, ସାମାଜିକ କର୍ମୀ ମାଧବାନନ୍ଦ ପାତ୍ର କୁହୁଡି ସମବାୟ ସମିତିର ସଂପାଦକ ସେକ୍‌ ସକିଲ ଅହମଦ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ଟସ୍‌ ଜିଣି କଟକ ନିମପୁର ସ୍ପୋର୍ଟିଂ ଅଧିନାୟକ ଗିରିଜା ରାଉତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳ ନିର୍ଦ୍ଧାରିତ ୨୫ ଓଭରରେ ୪ ଉଇକେଟ ହରାଇ ୨୧୭ ରନ୍‌ ସଂଗ୍ରହ କରିଥିଲା। ଗିରିଜା ୬୮(୫୨), ଅମିନ ଇକବାଲ ୪୬(୨୭), ରଂଜନ ଜେନା ୪୫(୨୭), ଏସ ମହାପାତ୍ର ୨୮(୧୨) ରନ୍‌ ସଂଗ୍ରହ କରିଥିଲେ। ଜବାବରେ ଭୁବନେଶ୍ୱରର ଶିଖର ସ୍ପୋର୍ଟିଂ ୨୨ ଓଭରରେ ସମସ୍ତ ଉଇକେଟ୍‌ ହରାଇ ୧୦୪ ରନ୍‌ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦଳ ତରଫରୁ ବି.ପୃଷ୍ଟି ୫୩(୫୦)ରନ୍‌ ସଂଗ୍ରହ କରିଥିଲେ। ଗିରିଜା ରାଉତ ୫ ଓଭର ବୋଲିଂ କରି ୩ଟି ଉଇକେଟ୍‌ ନେବା ସହିତ ବ୍ୟାଟିଂରେ ସର୍ବାଧିକ ରନ୍‌ ସଂଗ୍ରହ କରିଥିବାରୁ ମ୍ୟାନ ଅଫ୍‌ ଦି ମ୍ୟାଚ୍‌ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ରବିନାରାୟଣ ରଥ ଏବଂ ସହଦେବ ବେହେରା ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କ୍ଲବ ତରଫରୁ ସଦସ୍ୟ ଜୟନ୍ତ ମଲିକ, ଚନ୍ଦନ ରାଉତ, ଅମରେନ୍ଦ୍ର ବେହେରା, ସନ୍ତୋଷ ବେହେରା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଅଙ୍ଗୁଳାଇ ଖେଳପଡିଆରେ ମୁଖ୍ୟ ଅତିଥି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।



# ପାଦେ ପାଦେ ବିପଦ, ସବୁଜାଣି ସମସ୍ତେ ନୀରବ

ପାରାଦୀପ/କୁଜଙ୍ଗ/ଏରସମା/ତିର୍ତ୍ତୋଲ, ୪।୧(ସ୍ୱ.ପ୍ର./ଡି.ଏନ୍.ଏ.)

ବର୍ଷ ୨୦୧୯ ଆରମ୍ଭରୁ ଗତ ୨ ତାରିଖରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ନିପାଣିଆଠାରେ ହୋଇଥିବା ଡଙ୍ଗାବୁଡ଼ି ଘଟଣା ରାଜ୍ୟରେ ପ୍ରଥମ ଘଟଣା ନୁହେଁ। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଡଙ୍ଗା ବୁଡ଼ି ବହୁ ଧନଜୀବନ ହାନୀ ଘଟିଛି। ବିଶେଷ କରି ଉପକୂଳ ଅଞ୍ଚଳ ବହୁ ନଦନଦୀରେ ପରିବେଷ୍ଟିତ। ତେଣୁ ପ୍ରତ୍ୟହ ହଜାର ହଜାର ଲୋକ କୌଣସି ନା କୌଣସିଠାରେ ଡଙ୍ଗାପାରି ହୋଇଥାନ୍ତି। ଅନେକ ସମୟରେ ବିପଜ୍ଜନକ ସ୍ଥାନରେ ଲୋକେ ଗାଧୋଉଛନ୍ତି। ଏମିତି ଦେଖିବାକୁ ଏଠାରେ ପାଦ ପାଦକେ ବିପଦ ରହିଛି। କିନ୍ତୁ ପ୍ରଶାସନ ସବୁ ଜାଣି ନୀରବ ଦ୍ରଷ୍ଟା ସାଜିଛି। ବାରମ୍ବାର ବିଭିନ୍ନ ସ୍ଥାନରେ ଡଙ୍ଗାବୁଡ଼ି ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏ ଦିଗରେ ଯେତିକି ସତର୍କତା ମୂଳକ ପଦକ୍ଷେପ ନିଆଯିବା କଥା ତାହା ନିଆଯାଉନାହିଁ। କେବଳ ନାମକୁମାତ୍ର ନିୟମ କରିଦେଇ ସମସ୍ତେ ନୀରବ ରହୁଛନ୍ତି। ଫଳରେ ଆଜି ମଧ୍ୟ ବହୁ ନଦୀଘାଟରେ ଲାଇଫ୍ ଜ୍ୟାକେଟ୍ ଓ ସୁରକ୍ଷା ସାମଗ୍ରୀ ବିନା ଛୋଟ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ବିପଜ୍ଜନକ ଭାବେ ଡଙ୍ଗା ପାରିହେଉଛନ୍ତି। ଛୋଟ ଛୋଟ ଡଙ୍ଗାରେ ଆବଶ୍ୟକଠାରୁ ଯଥେଷ୍ଟ ଅଧିକ ସଂଖ୍ୟାରେ ଲୋକେ ପାରି ହେଉଥିବାବେଳେ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ପରିଣାମ ସ୍ୱରୂପ ଅକାଳରେ ବହୁ ଜୀବନ ହାନୀ ଘଟୁଛି।

## କୁଜଙ୍ଗର ପାଟଲିପଙ୍କ, ଭଣ୍ଡୁଆ

କୁଜଙ୍ଗ ବ୍ଲକର ପାଟଲିପଙ୍କ ଓ ଭଣ୍ଡୁଆଠାରେ ମଧ୍ୟ ପ୍ରତ୍ୟହ ଲୋକେ ବିପଜ୍ଜନକ ଭାବେ ଡଙ୍ଗା ପାରି ହେଉଛନ୍ତି। ବିଶେଷକରି ପାଟଲିପଙ୍କଠାରେ ପ୍ରତ୍ୟେହ ଶତାଧିକ ଲୋକ ଡଙ୍ଗାରେ ମହାନଦୀ ପାର ହୋଇ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ସେପଟୁ କେନ୍ଦ୍ରାପଡ଼ାରୁ ମଧ୍ୟ ବହୁ ଲୋକ ବ୍ୟବସାୟ ଓ ଅନ୍ୟାନ୍ୟ କାର୍ଯ୍ୟରେ କେନ୍ଦ୍ରାପଡ଼ାକୁ ଆସୁଛନ୍ତି। କୁଜଙ୍ଗ ବ୍ଲକ ଧୋୟାଞ୍ଚଳରେ ମଧ୍ୟ ଲୋକେ ଭଣ୍ଡୁଆଠାରେ ବିପଜ୍ଜନକ ଭାବେ ମହାନଦୀ ପାର ହେଉଛନ୍ତି।



## ତିର୍ତ୍ତୋଲର ଟିପିରି

ତିର୍ତ୍ତୋଲ ବ୍ଲକ ଅଧୀନ ସାନ୍ତରାପୁର ପଞ୍ଚାୟତର ଟିପିରି ଘାଟରେ ମଧ୍ୟ ପ୍ରତ୍ୟେହ ଲୋକେ ବିପଜ୍ଜନକ ଭାବେ ଡଙ୍ଗା ପାରି ହେଉଛନ୍ତି। ଏଠାରେ ପ୍ରାୟ ୨୦୦ ମିଟର ପାଇକା ନଦୀରେ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଡଙ୍ଗାରେ ପାରି ହୋଇ ଗୋବର୍ଦ୍ଧନପୁର ପଞ୍ଚାୟକୁ ଯାତାୟାତ କରୁଛନ୍ତି। କିନ୍ତୁ ଡଙ୍ଗାରେ ଆବଶ୍ୟକ ସୁରକ୍ଷା ସାମଗ୍ରୀ ନ ଥିବାରୁ ସେମାନଙ୍କ ପ୍ରତି ବିପଦ ରହିଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ଡଙ୍ଗା ଘାଟରେ ଯାଞ୍ଚ କରିବାକୁ ଦାବି ହେଉଛି।

## ଏରସମାରେ ଛାତ୍ରୀଛାତ୍ରଙ୍କ ଅସୁରକ୍ଷିତ ଯାତ୍ରା

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତ ସ୍ଥିତ ହଂସୁଆ ସଫେଇରେ ସ୍କୁଲ ଛାତ୍ରୀଛାତ୍ର ଅସୁରକ୍ଷିତ ଭାବରେ ଡଙ୍ଗାରେ ଯାତ୍ରା କରୁଛନ୍ତି। ଏହି ସଫେଇ ଏରସମା ବ୍ଲକର ଆମ୍ବିକି ଓ ଜପା ପଞ୍ଚାୟତକୁ ଦୁଇ ଭାଗରେ ବିଭକ୍ତ କରୁଛି। ଜଟାଧାର ମୁହାଣକୁ ସଂଯୋଗ କରି ଏହି ନଦୀ ସମୁଦ୍ରରେ ମିଶିଛି। ଜପା ପଞ୍ଚାୟତରୁ ଆମ୍ବିକି ପଞ୍ଚାୟତକୁ ଯିବା ପାଇଁ ରାସ୍ତା ଥିଲେ ମଧ୍ୟ ତାହା ଲମ୍ବା ରାସ୍ତା ହୋଇଥିବାରୁ ଲୋକେ ସଫେଇ ବାଟଦେଇ ଯାତାୟାତ କରିଥାନ୍ତି। ଏପରିକି ଜପା ପଞ୍ଚାୟତର ଦହିବର, ଝଟିପାରୀ ଓ ଖୋଳପ ଗ୍ରାମର ହାଇସ୍କୁଲ ଛାତ୍ରୀଛାତ୍ର ନିଜେ ନିଜେ ଡଙ୍ଗା ନେଇ ନଦୀ ପାରି ହୁଅନ୍ତି।







## ମନେପଡ଼ିଲା ନୂଆଗଡ଼ ଡଙ୍ଗାବୁଡ଼ି

ନିପାଣିଆଠାରେ ଡଙ୍ଗାବୁଡ଼ି ଘଟଣା କୁଜଙ୍ଗ ପାରାଦୀପ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଯେଉଁ ୧୦ଜଣଙ୍କ ମୃତ୍ୟୁ ଘଟିଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ଛୋଟ ପିଲା। ଏହି ଡଙ୍ଗାବୁଡ଼ି ଘଟଣା ୨୦୦୪ ନୂଆଗଡ଼ ମହାନଦୀ ଡଙ୍ଗାବୁଡ଼ିକୁ ପୁଣି ସତେଜ କରିଛି। ୨୦୦୪ ମାର୍ଚ୍ଚ ୧ରେ କୁଜଙ୍ଗ ବ୍ଲକ ନୂଆଗଡ଼ର ଉତ୍କଳମଣି କ୍ରିକେଟ କ୍ଲବର ପିଲାମାନେ ମହାକାଳପଡ଼ାର ପିତାପାଟ ଗ୍ରାମକୁ ଟୁର୍ନାମେଣ୍ଟ ଖେଳିବାକୁ ଯାଇଥିଲେ। ୧୪ରୁ ୨୦ ବର୍ଷର ୧୮ ଜଣ ଏକ ଛୋଟ ଡଙ୍ଗାରେ ମହାନଦୀ ପାର ହେଉଥିବାବେଳେ ତାହା ବୁଡ଼ିଯାଇଥିଲା। ସେଥିରେ ୧୮ ଜଣଙ୍କ ମଧ୍ୟରୁ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ସ୍ମୃତିରେ ଗ୍ରାମରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି। ସେହି ଦୁର୍ଘଟଣା ପରେ ମଧ୍ୟ ନଦୀ ସମୁଦ୍ରରେ ବିପଦପୂର୍ଣ୍ଣ ଯାତ୍ରା ଚାଲିଛି। ପ୍ରତିବର୍ଷ ଏଭଳି ଦୁର୍ଘଟଣାରେ ଅନେକ ଜୀବନ ଯାଉଛି। ଗତବର୍ଷ ଫେବୃୟାରୀ ୨୮ରେ ମଧ୍ୟପ୍ରଦେଶର କିଛି ଇଞ୍ଜିନିୟରିଂ ଛାତ୍ର ମହାନଦୀ ମୁହାଣରେ ଗାଧୋଉଥିବାବେଳେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୧୮ ଅକ୍ଟୋବର ୨ରେ କେନ୍ଦ୍ରୀୟ ବିଦ୍ୟାଳୟର ୩ଜଣ ଛାତ୍ର ବୁଡ଼ିଯାଇଥିଲେ। ସେହିପରି ସିଆଇଏସଏଫ୍ କର୍ମଚାରୀଙ୍କ ଛୋଟ ପିଲାମାନେ ଜଟାଧାର ମୁହାଣରେ ଗାଧୋଉଥିବାବେଳେ ସମୁଦ୍ରରେ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିଲା। ଏମିତି କେବଳ ୨୦୧୮ରେ ପାଣିରେ ବୁଡ଼ି ୨୨ ଜଣଙ୍କ ମୃତ୍ୟୁ ହୋଇଥିବା ମେରାଇନ୍ ଥାନାରୁ ଜଣାପଡ଼ିଛି।

## ୪୦ ବର୍ଷର ବେଆଇନ ଫେରିଘାଟ

ନାଉଗାଁ,୪।୧(ସ୍ୱ.ପ୍ର.): ସମସ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରି କରି ଦୀର୍ଘ ୪୦ ବର୍ଷ ହେଲା ନାଉଗାଁ ବ୍ଲକରେ ୨ଟି ଫେରିଘାଟ ଚାଲିଛି। ଏହି ବ୍ଲକ ଓଷକଣା ପଞ୍ଚାୟତରେ ଚାଲିଛି ଥିବା ଘାଟରେ ଲୋକଙ୍କୁ ବିପଜ୍ଜନକ ଭାବେ ଦେବୀ ନଦୀ ପାର କରାଯାଉଛି। ଏହି ଘାଟ ନିକଟରୁ କିଛି ବାଟ ଛାଡ଼ିଦେଇ ପୁରୀ ଜିଲା ପାଟସୁନ୍ଦରପୁର ପଞ୍ଚାୟତର ଭଣ୍ଡିସାହି ନିକଟରୁ ଚାଲିଛି ଆଉ ଏକ ଫେରିଘାଟ। ଓଷକଣା ପଞ୍ଚାୟତରେ ଚାଲିଥିବା ଘାଟ ଓଷକଣାରୁ ପୁରୀ ଜିଲା କାକଟପୁର ବ୍ଲକର ବଡ଼କଣ ଘାଟ ସହିତ ସଂଯୋଗ ହୋଇଛି। ସେହିପରି ଭଣ୍ଡିସାହି ଘାଟ ପୁରୀ ଜିଲାର ପଥରପକା ଘାଟକୁ ସଂଯୋଗ ହୋଇଛି। ଉଭୟ ଫେରିଘାଟ ବେଆଇନ୍ ଭାବେ ଚାଲିଥିବା ଅଭିଯୋଗ ହେଉଛି। ଏହି ଘାଟରେ ଚାଲିଥିବା ଯନ୍ତ୍ର ଚାଳିତ ଡଙ୍ଗାରେ ପ୍ରତ୍ୟେକ ଦିନ ଉଭୟ ଜଗତ୍‌ସିଂହପୁର ଓ ପୁରୀ ଜିଲାର ଜନସାଧାରଣ, ଛାତ୍ରୀଛାତ୍ର ଯିବା ଆସିବା କରନ୍ତି। ଯାତ୍ରୀଙ୍କ ସୁରକ୍ଷା ପାଇଁ ଏଠାରେ ଲାଇଫ ଜ୍ୟାକେଟ ନାହିଁ। ଡଙ୍ଗାଗୁଡ଼ିକର ଫିଟ୍‌ନେସ ଅଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରାଯାଉନାହିଁ। ଅସୁରକ୍ଷିତ ଭାବେ ଯାତ୍ରୀମାନେ ଦେଢ଼ କି.ମି ନଦୀ ପାର ହେଉଛନ୍ତି। ଅପରପକ୍ଷେ ଭଣ୍ଡିସାହିଠାରେ ଏକ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଲୋକେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କୁହନ୍ତି ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ। ତହସିଲ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, କୌଣସି ଫେରିଘାଟକୁ ସରକାରୀ ସ୍ୱିକୃତି ମିଳିନାହିଁ। ଏ ବିଷୟରେ ନାଉଗାଁ ତହସିଲଦାର ଜେ.କଳ୍ପନାଙ୍କୁ ପଚାରିବାରେ ସେ ଫେରିଘାଟ ବିଷୟରେ ଜାଣି ନ ଥିବା ବେଳେ ଯଥା ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ପାରାଦୀପର ୩ ନଦୀଘାଟ

ପାରାଦୀପରେ ୩ଟି ଘାଟରେ ଆଜି ମଧ୍ୟ ଲୋକେ ବିପଦସଙ୍କୁଳ ଭାବେ ନଦୀ ପାର ହେଉଛନ୍ତି। ସେଗୁଡ଼ିକ ହେଲା ଅଠରବାଙ୍କୀର ବାଲିଫ୍ଲଟ, ଇଫ୍‌କୋ ପଛପଟ ବାହାକୁଦ ଘାଟ ଓ ନୂଆଗଡ଼ ପଞ୍ଚାୟତର ଚଉମୁହାଣୀ। ଏସବୁ ନଦୀଘାଟରୁ ଆଜିର ଦିନରେ ୧୫୦୦ରୁ ୨୦୦୦ ଯାତ୍ରୀ ସେମାନଙ୍କ ପେଟପାଟଣା ପାଇଁ ଦୈନିକ ୪ ଘଣ୍ଟା ପାଣିରେ ଯାତାୟାତ କରୁଛନ୍ତି। ମହାକାଳପଡ଼ା ବ୍ଲକର ଯେଉଁ ସ୍ଥାନରେ ଗତ ୨ ତାରିଖରେ ଦୁର୍ଘଟଣା ଘଟିଲା ତାହାର ନାମ ନିପାଣିଆ। ସେଠାରେ ପାଣି (ମଧୁର ଜଳ) ମିଳୁ ନ ଥିବାରୁ ଏଭଳି ନାମ ହୋଇଛି। ଦୈନନ୍ଦିନ ଚଳଣି ପାଇଁ ଯାହା କିଛି ଆବଶ୍ୟକ ପଡ଼େ ସେଠାକାର ଲୋକେ ପାରାଦୀପ ଆସନ୍ତି। ଅଠରବାଙ୍କୀର ବିଜୁ ମେମୋରିଆଲ ହସପିଟାଲ ସେମାନଙ୍କ ସାହା ଓ ଭରସା। ଆଜିର ଦିନରେ ବାଲିଫ୍ଲଟରୁ ୫ଟି ଡଙ୍ଗା ମହାକାଳପଡ଼ାର କଜଳପାଟିଆ, ବତୀଘର, ନିପାଣିଆ, ଉତ୍ତରଖୋଲା, ଦକ୍ଷିଣ ଖୋଲାକୁ ଯାତାୟାତ କରୁଛି। ଏଠାରୁ ଦୀର୍ଘ ୪୫ କିମି ଜଳପଥରେ ଯାତ୍ରା କରି କୂଳରେ ପହଞ୍ଚିବାକୁ ପ୍ରାୟ ୪ଘଣ୍ଟା ସମୟ ଲାଗେ। ସେହି ଅଞ୍ଚଳର ମାଛ, ପଇଡ଼, ଆଖୁରସ, ଚାଉଳ, ନଡ଼ା, ଧାନ ଆଦି ସାମଗ୍ରୀ ଆଣି ଲୋକମାନେ ପାରାଦୀପ ବିକ୍ରି କରିବାକୁ ଆସନ୍ତି। ବାଲିଫ୍ଲଟ ବ୍ୟତୀତ ଇଫ୍‌କୋ ପଛପାଖ ବାହାକୁଦ ଘାଟ ଓ ନୂଆଗଡ଼ର ଚଉମୁହାଣୀଠାରୁ ମଧ୍ୟ ୫ରୁ ୧୦ ଡଙ୍ଗା ମହାକାଳପଡ଼ା ଯାତାୟାତ କରେ। ବିଡ଼ମ୍ବନାର ବିଷୟ ହେଲା ଉକ୍ତ ଡଙ୍ଗାରେ କୌଣସି ସୁରକ୍ଷା ସାମଗ୍ରୀ ନାହିଁ। ରାତି ୧୦ଟାରେ ଏଠାରୁ ଡଙ୍ଗା ଶେଷ ଭଡ଼ା ନେଇ ଛାଡ଼େ। ୨ ଜିଲାକୁ ସଂଯୋଗ କରୁଥିବା ଏହି ନୌଯାତ୍ରା କେତେ ସୁରକ୍ଷିତ ତାହାର ତର୍ଜମା କରିବା ପାଇଁ ଦିନଟିଏ ହେଲେ ପ୍ରଶାସନ ପକ୍ଷରୁ ଆନ୍ତରିକତା ପ୍ରକାଶ ପାଇନାହିଁ।

## ■ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

# ନେତା, ପ୍ରଶାସକଙ୍କୁ ବିରୋଧ କଲେ ଗ୍ରାମବାସୀ

କୁଜଙ୍ଗ,୪।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବତିଘର ପଞ୍ଚାୟତର ନିପାଣିଆ ବାଲିଘାଟଠାରେ ଖୋଳାନଦୀରେ ବୁଧବାର ସନ୍ଧ୍ୟାରେ ଡଙ୍ଗାବୁଡ଼ି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅଞ୍ଚଳର ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୯ଜଣ ହସିଣା ଗ୍ରାମର ହୋଇଥିବାବେଳେ ଜଣେ ଗଣ୍ଡକିପୁର ଗ୍ରାମର। ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ତେବେ ଦାବି ଅନୁଯାୟୀ, ସହାୟତା ନ ମିଳିବାରୁ ଗ୍ରାମବାସୀ ସହାୟତା ପ୍ରଦାନ କରିବାକୁ ଯାଇଥିବା ନେତା ଓ ପ୍ରଶାସକଙ୍କୁ ବିରୋଧ କରିଥିଲେ। ଏହା ପରେ ସେମାନେ ଲୋକଙ୍କୁ ବୁଝାସୁଝା କରି ଆସନ୍ତା ୧୧ ତାରିଖରେ ଏନେଇ ଜିଲା ପ୍ରଶାସନ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମୃତକଙ୍କ ପରିବାର ସହାୟତା ଗ୍ରହଣ କରିଥିଲେ।



ବିଧାୟକ ଦେବାଶିଷ ସାମନ୍ତରାୟ ଗ୍ରାମବାସୀଙ୍କୁ ବୁଝାଉଛନ୍ତି।



ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ସହାୟତା ଦିଆଯାଉଛି।

ପୂର୍ବାହ୍ନରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି କୁଳମଣି ସାମଲ, କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ଜିଲାପାଳ ଯାମିନୀ ଷଡ଼ଙ୍ଗୀ, ପାରାଦୀପ ଏଡିଏମ୍ କାହ୍ନୁ ଚରଣ ଧିର, କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ବିଡିଓ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ହସିଣା ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଡଙ୍ଗାବୁଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଥିବା ମନ୍ତ୍ରୀ ସାମଲ ପ୍ରକାଶ କରିଥିଲେ। ଏହାକୁ ନେଇ ବିରୋଧୀ ରାଜନୀତି ନ କରିବାକୁ ସେ ପରାମର୍ଶ ଦେଇଥିଲେ। ପରେ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଥିଲେ। ତେବେ ଗ୍ରାମବାସୀ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ ଦାବି କରିବା ସହ ଏହି ସହାୟତା ଗ୍ରହଣ କରି ନ ଥିଲେ। ଏପରି କି ଉପସ୍ଥିତ ନେତା ଓ ପ୍ରଶାସକଙ୍କୁ ସେମାନେ ବିରୋଧ କରିଥିଲେ। ଏହାପରେ ଲୋକଙ୍କୁ ବୁଝାସୁଝା କରି ଆସନ୍ତା ୧୧ ତାରିଖରେ ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ କରିଥିଲେ। ମଙ୍ଗରାଜପୁର ସମିତିସଭ୍ୟ ମଦନ ମୋହନ ସ୍ୱାଇଁ, କବି ପୀତାମ୍ବର ତରାଇ, ହରେକୃଷ୍ଣ ବିଶ୍ୱାଳ, ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀଙ୍କ ପ୍ରତିନିଧି ବିପିନ କୁମାର ତ୍ରୀପାଠୀଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ, ଗ୍ରାମର ମୁରବୀ, ସରପଞ୍ଚମାନେ ଉପସ୍ଥିତ ଥିଲେ।

### ଉଦ୍ଧାର ହୋଇଥିବା ୪ ଅସୁସ୍ଥ

ନିପାଣିଆ ଡଙ୍ଗାବୁଡ଼ି ଘଟଣାରେ ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରୁ ୪ଜଣ ଏବେ ମଧ୍ୟ ଅସୁସ୍ଥ ଅଛନ୍ତି। ସେମାନେ ହେଲେ ନମିତା ସାହୁ, କବିତା ତରାଇ, ନିର୍ଭୟ ସ୍ୱାଇଁ, ଟୁନୀ ତରାଇ। ଚିକିତ୍ସା ପାଇଁ ସେମାନଙ୍କୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଏହି ଦୁର୍ଘଟଣାରେ ନମିତା ନିଜର ପୁଅ ଧୁନ ଓ ଝିଅ ରୋଜିକୁ ହରାଇ ଭାଙ୍ଗିପଡ଼ିଥିବା ବେଳେ ନିର୍ଭୟ ନିଜ ଝିଅ ସୁଶ୍ରୀ ପଲ୍ଲବୀଙ୍କୁ ହରାଇଛନ୍ତି।

## ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର

ତିର୍ତ୍ତୋଲ,୪।୧(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କୋଳର ପଞ୍ଚାୟତ ଦଶମାଣକୂଳସ୍ଥିତ ଶ୍ରୀମା ମହିଳା କନିଷ୍ଠ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ଶିବିରକୁ ମୁଖ୍ୟ ଅତିଥି ସ୍ଥାନୀୟ ଜିଲାପରିଷଦ ସଭ୍ୟ ପ୍ରବୀର ରାୟ ଓ ସମ୍ମାନିତ ଅତିଥି ସରପଞ୍ଚ ଦୀପ୍ତିମୟୀ ରାୟ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ମେଘମାଳା ସ୍ୱାଇଁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା କାଞ୍ଚନବାଳା ସେନାପତି ଏହି ଶିବିର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର କାନୁନ୍‌ଗୋ ଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ସୀମା ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ କଳାର ୮୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଦିପ୍ତିରାଣୀ ଖୁଣ୍ଟିଆ, ଅମିତା ମହାପାତ୍ର, ଗାୟତ୍ରୀ ଆଚାର୍ଯ୍ୟ, ଅନ୍ନପୂର୍ଣ୍ଣା ପରିଜା, ମନୋଜ କୁମାର ରାଉତ, ଅଭୟ କୁମାର ଆଚାର୍ଯ୍ୟ, ଶ୍ରୀଧର ବେହେରା, ଶରତ କୁମାର ମହାପାତ୍ର ଓ ରେଣୁବାଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ମାଧବ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

## ଅଲାଣ୍ଡୋରେ ଉଦ୍‌ଘାଟିତ ହେଲା ଧାନମଣ୍ଡି

ବାଲିଆ, ୪।୧

ବିରିଡି ବ୍ଲକ ଅଲାଣ୍ଡୋ, ବଡଖଣ୍ଡାଏତା, ବଡିମୀରା, ଶଙ୍ଖପୁର ଗ୍ରାମ ପଞ୍ଚାୟତର ପଞ୍ଜୀକୃତ ୩୮୪ ଜଣ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ଯୋଗାଣ ବିଭାଗ ତରଫରୁ ଅଲାଣ୍ଡୋ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟନ ହୋଇଛି। ସମିତିର ସମ୍ପାଦକ ଶଙ୍କର୍ଷଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ପରିଚାଳନା କମିଟି ସଭାପତି ପବିତ୍ର ପଶାୟତ ଯୋଗଦେଇ ଏହା ଉଦଘାଟନ କରିଥିଲେ। ରାଜକିଶୋର ଜେନା, ପ୍ରତାପ ଚନ୍ଦ୍ର ଦାସ, ବନ ବିହାରି ଜେନା, ପ୍ରକାଶ ସ୍ୱାଇଁ, ଶ୍ୟାମ ସୁନ୍ଦର ମହାପାତ୍ର, ହେମନ୍ତ ରାଉତରାୟ, ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମିତିର ଡିଇଓ ସଞ୍ଜୟ ଶେଖର କର, ସହକାରୀ ଡିଇଓ କେଶବ ଚନ୍ଦ୍ର ପ୍ରଧାନ ଓ ସୂର୍ଯ୍ୟମଣୀ ଦାସ ପରିଚାଳନା କରିଥିଲେ। ଗୋବିନ୍ଦ ଚନ୍ଦ୍ର ପଶାୟତ, ଗୋଲେଖ ସାହୁ, ଚିତରଞ୍ଜନ ପରିଜା, ଅକ୍ଷୟ ଜେନା, ଅଶୋକ କୁମାର ଜେନା, ଲକ୍ଷ୍ମୀଧର ସ୍ୱାଇଁ, ଗୁରୁଚରଣ ସ୍ୱାଇଁ, ବନଲତା ଖୁଣ୍ଟିଆଙ୍କ ଠାରୁ ୨୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା।



ଦୁଗ୍ଧ ଭିତରେ ଲହୁଣି ଅଛି କହିଲେ ହେବନାହିଁ। ଦୁଗ୍ଧକୁ ଦହିରେ ପରିଣତ କଲେ ଲହୁଣି ମିଳିବ। ତେଣୁ ଈଶ୍ୱର ଦର୍ଶନର ଇଚ୍ଛା ଥିଲେ ଆଧାତ୍ମିକ ସାଧନା କର।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ



**ରସୁଲପୁର,୪।୧(ଡିଏନଏ):** ଓଡ଼ିଶା ସରକାରଙ୍କର ବୈଧ ମାପ ବିଜ୍ଞାନ ବିଭାଗର ଅଧିକାରୀ ପଦରୁ ଅବସର ପରେ ସାହିତ୍ୟ ସୃଷ୍ଟିରେ ମଜ୍ଜି ଯାଇଥିବା ସ୍ଥାନୀୟ ଖୋସାଲପୁର ଗ୍ରାମର ଦେବେନ୍ଦ୍ର ନାଥ ପଣ୍ଡାଙ୍କ ସାମାଜିକ ଗଣମାଧମରେ ପ୍ରକାଶିତ କ୍ଷୁଦ୍ରଗଳ୍ପ ଓ କବିତା ସବୁକୁ ନେଇ ଏକ ସଙ୍କଳନ ପ୍ରକାଶିତ ହୋଇଛି। ଯାହାର ଶୁକ୍ରବାର ଲୋକାର୍ପଣ ହୋଇଛି। 'ଛୋଟ ମୋର ଗାଁଟି' ଶୀର୍ଷକର ଏହି ସଂକଳନକୁ ବିଦେଶୀ ପର୍ଯ୍ୟଟକ ଦମ୍ପତି ଉନ୍ମୋଚନ କରିଥିବା ଦେଖିବାକୁ ମିଳିଥିଲା। ପାଂଗୋଛିଆ ଗ୍ରାମର ମହିୟସୀ ମହିଳା ତଥା ବିଶିଷ୍ଟ ଶିକ୍ଷାବିତ୍ ବେଣୁଧର ଦୋବାଇଙ୍କ ସ୍ତ୍ରୀ ଏବଂ ଲେଖକ ପଣ୍ଡାଙ୍କ ଶାଶୁ ସ୍ୱର୍ଗତା ଶୈଳବାଳା ଦ୍ୱିବେଦୀଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଲୋକାର୍ପଣ ଉତ୍ସବର ଆୟୋଜନ କରାଯାଇଥିଲା। ଆୟୋଜକଙ୍କ ଅନୁରୋଧରେ ଓଡ଼ିଶା ଭ୍ରମଣରେ ଆସିଥିବା ନେଦରଲାଣ୍ଡ ପର୍ଯ୍ୟଟକ ଦମ୍ପତି ଜେରାଡସ୍ ଇଲଖୋଇଜେନ୍ ଓ ଆଲିସ ମାରୀ ମୋନେନ୍ ଅତିଥି ଭାବେ ଯୋଗଦେଇ ସଂକଳନର ଶୁଭ ଉନ୍ମୋଚନ କରିଥିଲେ। ଏହା ତାଙ୍କ ଜୀବନର ଏକ ସ୍ମରଣୀୟ ଘଟଣାହୋଇ ରହିବ ବୋଲି ଦୁହେଁ ମତ ଦେବା ସହ ସଂକଳନରେ ପ୍ରକାଶିତ ଲେଖକଙ୍କର ସଂକ୍ଷିପ୍ତ ଇଂରାଜୀ ଦର୍ଶନାଲେଖ୍ୟ 'ଆଥେଇଷ୍ଟ ଲାଇଫ' ଓ କବିତା 'ଇଫ୍ ଆଟ ଅଲ ଗଡ୍ ଏକଜିଷ୍ଟସ୍'କୁ ପଢ଼ି ଖୁସି ହୋଇଥିଲେ। ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ଶିକ୍ଷକ ତଥା କବି ଈଶ୍ୱର ଦ୍ୱିବେଦୀ, ଅବସରପ୍ରାପ୍ତ କ୍ରାଇମବ୍ରାଞ୍ଚ ଆରକ୍ଷୀ ଅଧୀକ୍ଷକ ଦେବେନ୍ଦ୍ର ନାଥ ଶତପଥୀ, ବେଣୁଧର ଦୋବାଇ,ଶିଶୁ ସାହିତ୍ୟିକ କୁଞ୍ଜ ବିହାରୀ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଖବରଦାତା ଦେବୀ ପ୍ରସନ୍ନ ନାୟକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ସଂକଳନଟି ଲେଖକଙ୍କର ସ୍ତ୍ରୀ ପୁଷ୍ପମଞ୍ଜରୀ ପଣ୍ଡାଙ୍କ ଦ୍ୱାରା ପ୍ରକାଶିତ ହୋଇଛି।

### ଭଉଣୀଙ୍କୁ ଭାଇର ଆକ୍ରମଣ
### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**କୋରେଇ,୪।୧(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ସାଦକପୁର ଗ୍ରାମରେ ଜଣେ ମହିଳାଙ୍କୁ ଗୁରୁବାର ତାଙ୍କ ବଡ଼ଭାଇ ଓ ଭାଉଜ ମାଡ଼ ମାରିଥିଲେ। ଏ ନେଇ ସମ୍ପୃକ୍ତା ମହିଳା ଶୁକ୍ରବାର ଯାଜପୁର ଏସ୍‌ପି ଚରଣ ସିଂ ମୀନାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, କୋରେଇ ଥାନା ଅନ୍ତର୍ଗତ ସାଦକପୁର ପଞ୍ଚାୟତ କାଜୁ ବସ୍ତିର ଶେଖ ବାବରଙ୍କ ଝିଅ ମୁନି ଖାତୁନ କଟକରେ ବିବାହ କରିଛନ୍ତି। ମୁନିଙ୍କ ସ୍ୱାମୀ ବେଙ୍ଗାଲୁରୁରେ କାମ କରନ୍ତି। ମୁନିଙ୍କ ଶାଶୁଘରେ କେହି ନ ଥିବାରୁ ସେ ତାଙ୍କ ବାପ ଘର ଗ୍ରାମରେ ଏକ ଭଡ଼ା ଘରେ ରହୁଛନ୍ତି। ତେବେ କୌଣସି କାରଣକୁ ନେଇ ମୁନିଙ୍କ ବଡ଼ଭାଇ ଶେଖ ଟାର୍ଜନ ଓ ତାଙ୍କ ସ୍ତ୍ରୀ କୁସିଦା ବିବି ଗୁରୁବାର ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏ ନେଇ ମୁନି ଗୁରୁବାର କୋରେଇ ଥାନାରେ ଅଭିଯୋଗ କରିଥିଲେ।

## ■ ରାଜ୍ୟ ସମବାୟ ସମିତି ନିବନ୍ଧକଙ୍କ ନିର୍ଦ୍ଦେଶ ପାଳନରେ ଚଞ୍ଚକତା
# ୫୪ରୁ ୨୨ ପ୍ୟାକ୍ସ ସମ୍ପାଦକଙ୍କୁ ନୋଟିସ

ଯାଜପୁର ଅଫିସ,୪।୧

ଯାଜପୁର ଜିଲାରେ ଧାନ ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ଘଟିଛି। ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବମାନନା ଓ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଦାୟୀ ଅଧିକାରୀ ଓ କ୍ରୟ ଅଧିକାରୀଙ୍କ ବିରୋଧରେ ୨ଦିନ ମଧ୍ୟରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସମବାୟ ସମିତି ନିବନ୍ଧକ ନିର୍ଦ୍ଦେଶ ଦେଇଥିଲେ। ସେ ତାଙ୍କ ପତ୍ରସଂଖ୍ୟା ୮୬/୨।୧।୨୦୧୯ରେ ଡିଆରସିଏସ ଓ ଏଆରସିଏସ୍‌ଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦର୍ଶାଇଥିଲେ। ହେଲେ ରାଜନୈତିକ ଚାପରେ ୫୪ରୁ ମାତ୍ର ୨୨ଜଣ ପ୍ୟାକ୍ସ ସମ୍ପାଦକଙ୍କୁ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ସୂଚନା ମିଳିଛି। ଏପରି ଭାବେ ଜିଲା ପ୍ରଶାସନ ଓଡ଼ିଶା ସମବାୟ ସମିତି ନିବନ୍ଧକଙ୍କ ନିର୍ଦ୍ଦେଶର ପାଳନ କରିବାରେ ଚଞ୍ଚକତା କରୁଥିବା ମନେ ହେଉଛି। ଗତ ୨୭। ୧୨।୨୦୧୮ରେ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ହୋଇଥିବା ଭିଡିଓ କନଫରେନ୍ସରେ ରାଜ୍ୟର ୪୫୨ ପ୍ୟାକ୍ସରେ ଧାନ ମଣ୍ଡି ଖୋଲି ନ ଥିବା ଜଣାପଡ଼ିଥିଲା। ଯାଜପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୫,୪୪,୦୦୦ କୁଇଣ୍ଟାଲ ଧାନ କିଣିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗତ ୧୩।୧୧।୨୦୧୮ ତାରିଖରୁ ମଣ୍ଡି ଖୋଲି ଧାନକ୍ରୟ ଆରମ୍ଭ ହେବା କଥା। ଏଥିପାଇଁ ଜିଲାର ୧୨୦ଟି ପ୍ୟାକ୍ସ ଚୟନ ହୋଇଥିଲା। କିନ୍ତୁ ଯାଜପୁର ଜିଲାରେ ୨୨୦ରୁ ୬୬ ପ୍ୟାକ୍ସରେ ମଣ୍ଡି ଖୋଲିଥିଲା। ବାକି ୫୪ ପ୍ୟାକ୍ସରେ ଧାନ ମଣ୍ଡି ଖୋଲି ନାହିଁ। ଏହି ୫୪ ପ୍ୟାକ୍ସର ଅଧିକାରୀ ଓ କ୍ରୟ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା। କିନ୍ତୁ ବିଭାଗସ୍ତରରେ ଏଯାଏ ନିର୍ଦ୍ଦେଶର କୌଣସି କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡ଼ିଛି। ଶୁକ୍ରବାର ସୁଦ୍ଧା ୮୨ଟି ପ୍ୟାକ୍ସ ଜରିଆରେ ୧,୮୪,୮୧୪.୮୨ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସରକାର ଚାଷୀଙ୍କ ସଫଳତା ପାଇଁ ନିକଟରେ କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଏହାବାଦ ଚାଷୀଙ୍କ ଉନ୍ନତି ପାଇଁ ବହୁବିଧ ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ନିୟମକୁ ଅତିକ୍ରମ କରି କେତେକ ପ୍ରଭାବଶାଳୀ ନେତାଙ୍କ ଛତ୍ରଛାୟା ତଳେ ରହି ଅସାଧୁ ବ୍ୟବସାୟୀ ଚାଷୀଙ୍କୁ ଅବାଟରେ ପକାଇ ହଇରାଣ କରୁଥିବା ଦେଖିବାକୁ ମିଳୁଛି। ମିଲର୍ସମାନେ ଚାଷୀଙ୍କୁ ଶୋଷଣ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଫଳରେ ଚାଷୀମାନେ ବାଧ ହୋଇ ମିଲର୍ସଙ୍କ କଥାରେ ରାଜି ହେଉଛନ୍ତି। ମୁଖ୍ୟତଃ ଚାଷୀଙ୍କର କୃଷିଋଣ, ଧାନବିକ୍ରି ପରି କେତୋଟି ସମସ୍ୟା ରହିଛି। ଉକ୍ତ ସମସ୍ୟାର ଉପଯୁକ୍ତ ସମାଧାନ ହେଉ ନ ଥିବାରୁ ଚାଷୀ ମାନସିକ ଓ ଶାରୀରିକ ଚାପ ସୃଷ୍ଟି ହେଉଛି। କେତେକ ଚାଷୀ ଏହି ଚାପକୁ ପ୍ରତିହତ କରି ନ ପାରି ଆତ୍ମହତ୍ୟାର ରାସ୍ତା ବାଛି ନେଉଛନ୍ତି। ଏହିକ୍ରମରେ ଗତ ୪ବର୍ଷରେ ଯାଜପୁର ଜିଲାରେ ୧୬ ଜଣ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ହେଲେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ଜଣେ ବି ଚାଷୀ ଆତ୍ମହତ୍ୟା କରି ନ ଥିବା ରିପୋର୍ଟରେ ଦର୍ଶାଯାଇଛି। ଜିଲାର ଦଶରଥପୁର, ବିଞ୍ଝାରପୁର, ବରୀ, ଯାଜପୁର, ରସୁଲପୁର ବ୍ଲକ ପରି ଉପାନ୍ତ ଅଞ୍ଚଳରେ ଚାଷୀମାନେ ମିଲର୍ସଙ୍କଠାରୁ ମାତ୍ରାଧିକ ଶୋଷଣର ଶିକାର ହେଉଛନ୍ତି। ମିଲର୍ସ ଆର୍ଦ୍ରତା କିମ୍ବା ନିମ୍ନମାନର ଧାନ ଆଳରେ କୁଇଣ୍ଟାଲ ପିଛା ପ୍ରାୟ ୧୦କେଜି ପର୍ଯ୍ୟନ୍ତ ଧାନ କାଟ୍‌ଛାଟ୍ କରୁଛନ୍ତି। ଦ୍ୱିତୀୟତଃ ଖାଲିବସ୍ତାରେ ନୂତନ ଢାଞ୍ଚାରେ ଶୋଷଣ ହେଉଛି। ମିଲର୍ସ ଧାନ ଆଣିବା ପାଇଁ ଖାଲିବସ୍ତା ଦେଉ ନାହାନ୍ତି। କିନ୍ତୁ ଚାଷୀଙ୍କୁ ବସ୍ତାଆଳରେ ପ୍ରାୟ ୫୦ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ମିଲର୍ସ ଓ ବ୍ୟବସାୟୀ ମେଣ୍ଟରେ ଚାଷୀ କ୍ଷତି ସହୁଛି। ପ୍ରଥମେ ବିଳମ୍ବରେ ମଣ୍ଡି ଖୋଲିବା, ଓଜନ ତାପରେ ଦାମ ପରେ ଖାଲିବସ୍ତା ଓ ଶେଷରେ ବିଳମ୍ବିତ ପାଉଣାର ହରଡଘଣାରେ ଚାଷୀ ଧାନବିକ୍ରି କରି ସଫଳତାର ସ୍ୱପ୍ନରେ କଳାବାଦଲ ପାଲଟି ଯାଉଛି। ଏପରିକି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ମଧ ଅବମାନନା କରାଯାଉଛି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ ବେଣୁଧର ମଲ୍ଲିକଙ୍କୁ ପଚାରିବାରୁ, ଶୁକ୍ରବାର ୨୨ଜଣ ପ୍ୟାକ୍ସ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଇତିମଧ୍ୟରେ ମଣ୍ଡି ବ୍ୟବସ୍ଥା ବୃଦ୍ଧି ଘଟିଛି। ଯେଉଁ ପ୍ୟାକ୍ସରେ ମଣ୍ଡି ଆଦୌ ଖୋଲି ନାହିଁ ସେହି ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



URGENT
OFFICE OF THE REGISTRAR OF COOPERATIVE SOCIETIES:ODISHA: BHUBANESWAR
No.XXVIII-09 / 2018 ( Pt.-I ) - 86 / Bank-2/Date. 2-1-2019
To
All the Divisional Deputy Registrar of Cooperative Societies/
All the Circle Assistant Registrar of Cooperative Societies.
All the Chief Executives of the Central Cooperative Bank Ltd.
Sub.:- Debarment of PACS non-opening Paddy Procurement Centers ( PPCs ) during KMS:2018-19 ( Kharif paddy )
Ref:- Directorate Letter No.23374 dt.29.12.2018.
Madam/Sir,
With reference to the letter on the captioned subject, I am to say that in spite of instruction in the Video Conference held on dt.27.12.2018 under the Chairmanship of the Commissioner-cum-Secretary to Govt., Food, Supplies and Consumer Welfare Department, still 452 nos. of PACS ( 609 PPCs ) have not started procurement as revealed from the P-PAS data dt.29.12.2018 (list enclosed ).
Therefore, concerned DRCS/ ARCS are hereby instructed to fix responsibility on the Officers / Purchase Officers who have not taken appropriate steps for Opening of PPCs and issue of token to farmers and ensure disciplinary action on such Officers for disobedience of orders / negligence in duty. The District-wise action taken report on the matter should be furnished to the concerned District Collector within 2 days under intimation to this Directorate.
Yours faithfully,
Registrar,
Cooperative Societies, Odisha
Memo No. 87 / Date. 2-1-2019
Copy alongwith enclosure submitted to the Commissioner-cum-Secretary to Government, Cooperation Department, Odisha, Bhubaneswar for favour of kind information and necessary action in continuation to this office memo no.23375 dt.29.12.2018.
Registrar,
Cooperative Societies, Odisha
Memo No. 88 / Date. 2-1-2019
Copy alongwith enclosure submitted to the Commissioner-cum-Secretary, Food, Supplies and Consumer Welfare Department, Odisha, Bhubaneswar for information and necessary action.
Registrar,
Cooperative Societies, Odisha

■ଡିସେମ୍ବର ୨୯ ସୁଦ୍ଧା ୫୪ ପ୍ୟାକ୍ସରେ ଖୋଲି ନ ଥିଲା ମଣ୍ଡି
■୫୪ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହୋଇଥିଲା ନିର୍ଦ୍ଦେଶ
■ରାଜନୈତିକ ଚାପରେ ବର୍ତ୍ତିଗଲେ ୩୨ କ୍ରୟ ଅଧିକାରୀ

## ମେଲାଣି ନେଲେ ଲକ୍ଷ୍ମୀନାରାୟଣ

ରସୁଲପୁର,୪।୧(ଡିଏନଏ)

ରସୁଲପୁର ବ୍ଲକ ଅଞ୍ଚଳର ପ୍ରସିଦ୍ଧ ମା' ଲକ୍ଷ୍ମୀନାରାଣ ପୂଜା ଓ କୁଆଖିଆ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜା କମିଟି ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମା'ଙ୍କୁ ଭକ୍ତିପୂତ ମେଲାଣି ଦେଇଥିଲେ। ୧୬ ଡିସେମ୍ବର,୨୦୧୮ ଧନୁ ସଂକ୍ରାନ୍ତି ଅବସରରେ ପୂଜା ଆରମ୍ଭ ହୋଇଥିଲା। ଏହି ପୂଜା ୨୦ଦିନ ବ୍ୟାପୀ ଚାଲିଥିଲା। ଉତ୍ସବ ଅବସରରେ ସ୍ଥାନୀୟ ଅଞ୍ଚଳରେ ଏକ ପାର୍ବଣର ମାହୋଲ ସୃଷ୍ଟି କରିଥିଲା। ଶ୍ରଦ୍ଧାଳୁଙ୍କୁ ଲକ୍ଷ୍ମୀନାରାୟଣ ଓ ମହୋତ୍ସବ ମଞ୍ଚ ଜରିଆରେ ନାନା ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମଞ୍ଚ ଜରିଆରେ ବହୁ ପ୍ରତିଭାବାନ କଳାକାର ସେମାନଙ୍କ କଳା ନୈପୁଣ୍ୟତା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ଉକ୍ତ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ପୂଜା ଓ ମହୋତ୍ସବ କମିଟିର କର୍ମକର୍ତ୍ତା ଉଦ୍ୟମ କରିଥିଲେ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା।

## ■ ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ
# ସେମିରେ ରାଞ୍ଚି ରେଲୱେ

ବିରଜାକ୍ଷେତ୍ର,୪।୧(ଡି.ଏନ୍.ଏ)

ଜିଲା କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ଯାଜପୁର ଅଶୋକ ମଇଦାନ (ବାଳାଶ୍ରମ ପଡ଼ିଆ)ରେ ଅନୁଷ୍ଠିତ ୬ଷ୍ଠ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ୭ମ ଦିବସ। ଏହି ଦିନ ଚତୁର୍ଥ କ୍ୱାର୍ଟର ଫାଇନାଲ୍‌ରେ ଜାମ୍‌ସେଦ୍‌ପୁର ସୁପର କିଙ୍ଗ୍ ଓ ରାଞ୍ଚି ରେଲୱେ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜାମ୍‌ସେଦ୍‌ପୁର ସୁପର କିଙ୍ଗ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୭.୫ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ଜବାବରେ ରାଞ୍ଚି ରେଲୱେ ୨୬.୩ ଓଭର୍ ଖେଳି ୬ ୱିକେଟ୍ ହରାଇ ୧୪୩ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା। ଏହି ମ୍ୟାଚ୍‌ରେ ରାଞ୍ଚି ରେଲୱେର ଅଭିଷେକ ଅଧିକାରୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସୁହାଗ ମହଲର ମାଲିକ ପ୍ରଫୁଲ୍ଲ କୁମାର ନାୟକ ପ୍ରଦାନ କରିଥିଲେ। କ୍ରିକେଟ୍ ଆସୋସିଏଶନ୍‌ର ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ କ୍ରିକେଟିୟର ଶ୍ରୀଜୟ ମହାପାତ୍ର, ଯୁବ ନେତା ମନୋଜ ସାହୁ, ସ୍ୱସ୍ତିକ୍ ପହି, ସେକ୍ ସାହାଜୁଦ୍ଦିନ୍, ଆଶିଷ୍ ମହାନ୍ତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାରଭାବେ ଆଶୁତୋଷ ପାଣି ଓ ଶରତ ଜେନା ପରିଚାଳନା କରିଥିବାବେଳେ ସ୍କୋରର୍ ଭାବେ ଜଗନ୍ନାଥ ସାମଲ ଓ ଶୁଭ୍ରାଂଶୁ ଶେଖର ବେହୁରିଆ ତୁଲାଇଥିଲେ।



ଅତିଥି ମ୍ୟାନ ଅଫ ଦି ମ୍ୟାଚଙ୍କୁ ପୁରସ୍କୃତ କରୁଛନ୍ତି।

## ଏଡିଏମ୍‌ଓଙ୍କ ଜନଶୁଣାଣି ଶିବିର

ଯାଜପୁରରୋଡ୍,୪।୧(ନି.ପ୍ର.)

କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍‌ଓ) ସନ୍ତୋଷ କୁମାର ମିଶ୍ରଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୨୭ଟି ଅଭିଯୋଗ ଉପରେ ଜନଶୁଣାଣି ହୋଇଥିଲା। ବିଶେଷକରି ଭୂମିହୀନଙ୍କୁ ଜମିପଟ୍ଟା, କଳିଙ୍ଗନଗର ବିସ୍ଥାପିତ ସମସ୍ୟା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସମ୍ପର୍କରେ ଆବେଦନ ପତ୍ର ମିଳିଥିଲା। ଏହି ଶିବିରରେ ଭୂଅର୍ଜନ ଅଧିକାରୀ ସପନ କୁମାର ନନ୍ଦ ଯୋଗଦେଇଥିଲେ। ଏହି ଶିବିରରେ ଅନ୍ୟାନ୍ୟ ଉଚ୍ଚ ପଦସ୍ଥ ଅଫିସରମାନେ ଅନୁପସ୍ଥିତ ଥିଲେ। ମୁନା ବେହେରା କହିଛନ୍ତି, ସେ ୨ ବର୍ଷ ହେବ ଜମିପଟ୍ଟା ପାଇଁ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ମଙ୍ଗଳ ମୁଣ୍ଡା କୁହନ୍ତି, ତାଙ୍କର ଜମିବାଡ଼ି ନାହିଁ। ୭୦ବର୍ଷ ହେବ ସରକାରୀ ଜମିରେ ଘର କରି ରହୁଛନ୍ତି। ପଟ୍ଟା ନ ଥିବାରୁ ଜାତିଗତ ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ମିଳୁନାହିଁ। କାମ ବନ୍ଦ କରି ଆସୁଛୁ। ଅଭିଯୋଗ କରି ଘରକୁ ଫେରୁଛୁ।

## ଜମିପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ

ଯାଜପୁରରୋଡ,୪।୧(ନି.ପ୍ର.)

ବ୍ୟାସନଗର ପୌରପରିଷଦ ଅଞ୍ଚଳରେ ୪୦ଟି ବସ୍ତିରେ ଆଦିବାସୀ ଓ ପଛୁଆ ବର୍ଗ ଦୀର୍ଘଦିନ ହେବ ବାସ କରୁଛନ୍ତି। ସେମାନଙ୍କୁ ଜମିପଟା ଯୋଗାଇ ଦେବା ଦାବିରେ ଭୀମସେନ ମୁଣ୍ଡାଙ୍କ ନେତୃତ୍ୱରେ ଶୁକ୍ରବାର ଶତାଧିକ ମହିଳା ଓ ପୁରୁଷ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ମାସେ ମଧ୍ୟରେ ଭୂମିହୀନଙ୍କୁ ଚିହ୍ନଟ କରାଯାଇ ପଟ୍ଟା ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ନିର୍ବାଚନ ବର୍ଜନ କରିବେ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି। ପ୍ରାୟ ୫ହଜାରୁ ଊର୍ଦ୍ଧ୍ୱ ଲୋକ ଜମିପଟ୍ଟା ପାଇନାହାନ୍ତି। ଜମିପଟ୍ଟା ନ ଥିବାରୁ ପିଲାମାନେ ପାଠ ପଢ଼ିବା ଓ ଚାକିରି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବ୍ୟାଙ୍କ ଋଣ ନ ମିଳିବା ସହ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ କଳିଙ୍ଗନଗର ଏଡିଏମ୍‌ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯାଜପୁର ଜିଲାପାଳ, ବ୍ୟାସନଗର ତହସିଲଦାର, କୋରେଇ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପତ୍ର ପଠାଯାଇଛି।

## 'ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ସ୍ୱପ୍ନ ଦେଖ'

ବିଞ୍ଝାରପୁର.୪।୧(ଡି.ଏନ.ଏ)

ଛାତ୍ର ଜୀବନ ହେଉଛି ଜୀବନର ସବୁଠାରୁ ମୂଲ୍ୟବାନ ସମୟ। ଏହାକୁ ସଠିକ ମାର୍ଗରେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦେବା ସହିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ସପ୍ନ ଦେଖିବା ସହିତ କଠିନ ପରିଶ୍ରମ ଓ ଏକାଗ୍ରତା ରହିବା ଆବଶ୍ୟକ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ବରୁଣେଶ୍ୱର ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗଦେଇ ପ୍ରକାଶ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ କିର୍ତ୍ତନ ବିହାରୀ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ଯୋଗଦେଇ ଛାତ୍ରୀଛାତ୍ର ସମାଜକୁ ନୂତନ ଦିଗନ୍ତ ଦେଖାଇବାକୁ ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ସାଂସ୍କୃତିକ ପରିଷଦ ଉପସଭାପତି ପ୍ରଫେସର ବଟକୃଷ୍ଣ ମହାପାତ୍ର ବିବରଣୀ ପ୍ରଦାନ କରିଥିଲା ବେଳେ ସଭା ସଞ୍ଚାଳନ ବିନ୍ଦୁରେଖା ମହାପାତ୍ର କରିଥିଲେ। ସଭାରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସୁବ୍ରତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ କୃଷ୍ଣଚନ୍ଦ୍ର ଜେନା, ମନସ୍ୱିନୀ ବେହେରା, ମିହିର ବିକାଶ କର, ପ୍ରବୀର କର, ଜାହାଙ୍ଗିର ଖାନଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଚିକିତ୍ସା ଅଭାବରୁ ହାତ ହରାଇଲେ ନାବାଳକ

**କାଳିଆପାଣି, ୪।୧(ଡିଏନ୍.ଏ.):** ସୁକିନ୍ଦା ବ୍ଲକ ଅଧୀନ ଦୁଧୁଯୋରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ମୁଣ୍ଡା ସାହିରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅର୍ଥାଭବରୁ ଚିକିତ୍ସା ନ କରିପାରି ସାହିର କୁନି ମହାରଣାଙ୍କ ପୁଅ ସିପୁନ ହାଇବ୍ରୁ(୧୫)ଙ୍କ ବାମ ହାତ ପାପୁଲି ପଚି ଛିଡି ଯାଇଛି। ପରିବାର ଲୋକେ ଉକ୍ତ ପାପୁଲିକୁ ଗାତ ଖୋଳି ପୋତି ଦେଇଥିବାବେଳେ ଛିଡିଯାଇଥିବା ହାତରୁ ପ୍ରଚୁର ରକ୍ତସ୍ରାବ ହୋଇଥିବାରୁ ଗାମୁଛାରେ ବାନ୍ଧି ରଖବଥିବା ବଡ ଭାଉଜ ସସ୍ମିତା ହେମ୍ବ୍ରମ କହିଛନ୍ତି। ରସିପୁନଙ୍କ ଏଭଳି ପରିସ୍ଥିତିକୁ ନେଇ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସାଫଲ୍ୟ ତାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ୨ମାସ ତଳେ ସିପୁନ ନିଜର ମାମୁ ନଖିଆଙ୍କ ସହିତ ଗାଈ ଚରାଇବାକୁ ଯାଇଥିଲେ। ମାମୁ ନଖିଆ କୌଣସି ଏକ କାରଣ ବସତଃ ଘରକୁ ଆସିଥିବା ସମୟରେ ସିପୁନୁ ପାଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଗାଈ ଗୋଠ ଉପରେ ନଜର ରଖିଥିଲେ। ଏହି ସମୟରେ ଅଜାଣତରେ ତାଙ୍କ ବାମ ହାତ ବିଦ୍ୟୁତ୍ ତାର ସଂସ୍ପର୍ଷରେ ଆସି ଯିବାରୁ ସୁପୁନୁ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ସଙ୍ଗେସଙ୍ଗେ କଟକ ବଡ଼ମେଡିକାଲ ପଠାଯାଇଥିଲା। ସେଠାରେ ପରିବାର ଲୋକେ ବହୁ କଷ୍ଟେ ମଷ୍ଟେ ସିପୁନୁଙ୍କ ୧୫ ଦିନ ଚିକିତ୍ସା କରିବା ପରେ ଆର୍ଥ ଅଭାବରୁ ଆଉ ଚିକିତ୍ସା କରି ପାରି ନ ଥିଲେ। ଫଳରେ ଚିକିତ୍ସା ଅଭାବରୁ ଦେଢମାସ ସିପୁନ ଘରେ ପଡିରହିଥିବାରୁ ତାଙ୍କ ହାତ ପଚି ସଢି ଯାଇଥିଲା। ସିପୁନଙ୍କ ଅଧିକ ଚିକିତ୍ସା ପାଇଁ ଜିଲାପାଳଙ୍କ ନିକଟରେ ଦାମୋଦର ପୁର ଗ୍ରାମବାସୀ ଗୁହାରି କରିଛନ୍ତି।

## ■ ବରୁଣେଶ୍ୱର ମେଳା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି
# ପରିଚାଳନା ଦାୟିତ୍ୱ ନେଲା ପ୍ରଶାସନ

ବିଞ୍ଝାରପୁର,୪।୧(ଡି.ଏନ.ଏ)

ଯାଜପୁର ଜିଲାର ବିଞ୍ଝାରପୁର ଅରେଇସ୍ଥିତ ପ୍ରସିଦ୍ଧ ବରୁଣେଶ୍ୱର ମେଳାର ପରିଚାଳନାକୁ ନେଇ ବିବାଦ ଲାଗି ରହିଥିଲା। ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ମେଳାର ସମ୍ପୂର୍ଣ୍ଣ ପରିଚାଳନା ପ୍ରଶାସନ କରିବ ବୋଲି ଜଣାପଡ଼ିଛି। ଏହି ପରିପେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ବରୁଣେଶ୍ୱର ମେଳା ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟଅତିଥି ରୂପେ ବିଧାୟିକା ପ୍ରମିଳା ମଲ୍ଲିକ, ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ବିଡିଓ ଦାମୋଦର ଖୁଣ୍ଟିଆ, ତହସିଲଦାର ଶୁଭ୍ରବାଳା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜାନୁୟାରୀ ୧୪ରୁ ଆରମ୍ଭ ହେବାକୁ ଥିବା ଓଡ଼ିଶା ପ୍ରସିଦ୍ଧ ବରୁଣେଶ୍ୱର ମେଳା ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅନୁଷ୍ଠିତ ହେବାକୁ ଆଲୋଚନା ହୋଇଥିଲା। ବରୁଣେଶ୍ୱର ମେଳା ସମ୍ପର୍କିତ ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବାବେଳେ ମେଳା ପରିଚାଳନା ଦାୟିତ୍ୱ ଜିଲା ପ୍ରଶାସନ ନେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ବିଞ୍ଝାରପୁର ତହସିଲଦାର ଶୁଭ୍ରବାଳା ବେହେରା, ବିଡିଓ ଦାମୋଦର ଖୁଣ୍ଟିଆ, ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସଙ୍କୁ ନେଇ ଏକ ୩ଜଣିଆ ମେଳା ପରିଚାଳନା କମିଟି କରାଯାଇଛି। ଏହି କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ମେଳା ପରିଚାଳନା ହେବ ବୋଲି ବୈଠକରେ ନିର୍ଣ୍ଣୟ ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରୁଣେଶ୍ୱର ମନ୍ଦିର ସେବାୟତଙ୍କ ସମେତ ସାମାଜିକ କର୍ମୀ ରବୀନ୍ଦ୍ର ପରିଡା, ହେମେନ୍ଦ୍ର ସାମଲ, କାମଦେବ ଧଳ, ପର୍ଶୁରାମ କବି, ପ୍ରଦୀପ ମଲ୍ଲିକ, ମନୋରଞ୍ଜନ ଧଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅପରପକ୍ଷରେ ମେଳା ଆୟୋଜନରେ କୌଣସି ତ୍ରୁଟିକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଦାସ ସରକାରୀ ଅଧିକାରୀଙ୍କୁ ସୂଚାଇ ଦେଇଥିଲେ। ଅପରପକ୍ଷରେ ପ୍ରଶାସନର ବରୁଣେଶ୍ୱର ମେଳା ପରିଚାଳନାକୁ ବିରୋଧ କରି ଅରେଇ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି।

## ■ ଆହାର କେନ୍ଦ୍ରରେ ଅବ୍ୟବସ୍ଥା
# ଗରିବଙ୍କୁ ମିଳୁନି, ମଜା ନେଉଛନ୍ତି ଥିଳାବାଲା

ବିରଜାକ୍ଷେତ୍ର,୪।୧(ଡି.ଏନ୍.ଏ)

ରାଜ୍ୟ ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅସହାୟ, ନିଷ୍ପେସିତ ଲୋକଙ୍କ ପାଇଁ ବିଭିନ୍ନ ଜନହିତକର ଯୋଜନା ପ୍ରଣୟନ କରୁଛନ୍ତି। ରାଜ୍ୟର ବିଭିନ୍ନ ସହରରେ ଗରିବ ଲୋକଙ୍କୁ ଏଥର ଦିନ ସହ ରାତିରେ ମଧ୍ୟ ୫ଟଙ୍କାରେ ଆହାର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଏଥିପାଇଁ 'ଆହାର' କେନ୍ଦ୍ର ଖୋଲାଯାଇଛି। ଯାଜପୁର ସହରର ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱରେ ମଧ୍ୟ ଏକ ଆହାର କେନ୍ଦ୍ର ରହିଛି। ଏଠାରେ ମିଳୁଥିବା ଆହାର ଗରିବଙ୍କ ପେଟକୁ ନ ଯାଇ ତାହା ଥିଳାବାଲା ଓ ସରକାରୀ କର୍ମଚାରୀଙ୍କ ପେଟକୁ ଯାଉଥିବା ଆଲୋଚନା ହେଉଛି। ଯଦ୍ୱାରା ବହୁ ଗରିବ ୫ ଟଙ୍କିଆ ଆହାରରୁ ବଞ୍ଚିତ ହେଉଛନ୍ତି। ଏହି ଖାଦ୍ୟକୁ ଜିଲା ପ୍ରଶାସନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଦାନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଅଛି। ଆହାର କେନ୍ଦ୍ରରେ ଗରିବ ଲୋକେ ଖାଦ୍ୟରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲା ପ୍ରଶାସନକୁ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ରହିଛି। ଆହାର କେନ୍ଦ୍ରରେ ଖାଦ୍ୟ ପହଞ୍ଚାଇବାକୁ ଭୁବନେଶ୍ୱରର ଏକ ଖାଦ୍ୟ ପ୍ରସ୍ତୁତ କମ୍ପାନୀ ଠିକା ନେଇଛି। ଦିନ ୧୧ଟାରୁ ଆହାର କେନ୍ଦ୍ରରେ ଏହି ୫ଟଙ୍କିଆ ଖାଦ୍ୟ ମିଳିବାର ବ୍ୟବସ୍ଥା କରାଯାଇଛି। ଦିନ ୧୧ଟାରେ ଆହାର କେନ୍ଦ୍ର ଖୋଲୁଛି। ମାତ୍ର ୧ଘଣ୍ଟା ମଧ୍ୟରେ ୫ଶହ ଲୋକଙ୍କ ପାଇଁ ଆସିଥିବା ୫ଟଙ୍କିଆ ଖାଦ୍ୟ ସରିଯାଉଥିବା ଦେଖିବାକୁ ମିଳିଛି। ଆହାର କେନ୍ଦ୍ରକୁ ୫ଶହ ଲୋକଙ୍କ ରନ୍ଧା ଖାଦ୍ୟ ଆସୁଛି କି ନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଆହାର କେନ୍ଦ୍ରକୁ ଆସୁଥିବା ୫ଟଙ୍କିଆ ଖାଦ୍ୟକୁ ସରକାରୀ କର୍ମଚାରୀ ଓ ଥିଳାବାଲା ଲୋକେ ବିନା ଟିକେଟରେ ବସି ଖାଉଥିବା ଜାଣିବାକୁ ମିଳିଛି। ସାଧାରଣ ଗରିବ ଲୋକେ ଟିକେଟ୍ କାଉଣ୍ଟର ନିକଟରେ ଲମ୍ବାଧାଡ଼ି ଲଗାଇ ୫ ଟଙ୍କିଆ ଖାଦ୍ୟ ଖାଇବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହୁଛନ୍ତି। ଦୀର୍ଘ ସମୟ ଧରି ଅପେକ୍ଷା କଲେ ମଧ୍ୟ ଏହି ଗରିବ ଲୋକେ ୫ଟଙ୍କିଆ ଖାଦ୍ୟରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଯାଜପୁର ସହରର ମୁଖ୍ୟ ଚିକିତ୍ସାଳୟକୁ ଯାଜପୁର ଜିଲା ସମେତ ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଜଗତ୍‌ସିଂହପୁର ଜିଲା ଆଦିରୁ ବହୁ ଗରିବ ଲୋକେ ଉନ୍ନତ ଚିକିତ୍ସା ପାଇଁ ଆସିଥାନ୍ତି। ଏମାନେ ସରକାରଙ୍କର ୫ଟଙ୍କିଆ ଖାଦ୍ୟ ଉପରେ ବିଶେଷ ନିର୍ଭର କରିଥାନ୍ତି। ମାତ୍ର ଚିକିତ୍ସାଳୟକୁ ଆସୁଥିବା ଗରିବ ଲୋକେ ସରକାରଙ୍କର ଏହି ୫ ଟଙ୍କିଆ ଖାଦ୍ୟରୁ ବଞ୍ଚିତ ହେଉଥିବା ଜାଣିବାକୁ ମିଳିଛି। ଆହାର କେନ୍ଦ୍ର କର୍ମଚାରୀ ୫ଟଙ୍କିଆ ରନ୍ଧାଖାଦ୍ୟକୁ ଅସାଧୁ ଉପାୟରେ ବିକ୍ରି କରୁଥିବା ସାଧାରଣରେ ଶୁଣିବାକୁ ମିଳୁଛି। ସେହିପରି ରାତି ସମୟରେ ଆହାର କେନ୍ଦ୍ରରେ ୨୫୦ ଲୋକଙ୍କ ପାଇଁ ୫ଟଙ୍କିଆ ଖାଦ୍ୟ ଯୋଗାଇ ଦେବାକୁ ସରକାର ବ୍ୟବସ୍ଥା କରିଛନ୍ତି। ମାତ୍ର ପ୍ରବଳ ଥଣ୍ଡା ଯୋଗୁ ଆହାର କେନ୍ଦ୍ରରେ ଗରିବ ଲୋକଙ୍କୁ ଦେଖିବାକୁ ମିଳୁ ନ ଥିବା ବେଳେ ରାତିରେ ମଧ୍ୟ ସହରର ବହୁ ଥିଳାବାଲା ଲୋକ ଆହାର କେନ୍ଦ୍ରରେ ୫ଟଙ୍କିଆ ଆହାର ଖାଇ ମଜା ନେଉଥିବା ଦେଖିବାକୁ ମିଳିଛି। ଫଳରେ ରାଜ୍ୟ ସରକାରଙ୍କର ଏହି ୫ ଟଙ୍କିଆ ଆହାର ମଧ୍ୟ ଯାଜପୁର ସହରରେ ଗରିବଙ୍କ ପାଇଁ ଅପହଞ୍ଚ ପାଲଟିଛି। ଆହାର କେନ୍ଦ୍ର ଦାୟିତ୍ୱରେ ଥିବା ଯାଜପୁର ପୌରନିର୍ବାହୀ ସରୋଜ ରାଉତଙ୍କ ସୂଚନା ଅନୁଯାୟୀ, ଯଦି ଆହାର କେନ୍ଦ୍ରରେ ୫ଟଙ୍କିଆ ଖାଦ୍ୟର ଚାହିଦା ବଢୁଛି ତେବେ ଅଧିକ ଖାଦ୍ୟ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବୁ। କିନ୍ତୁ ଯଦି ୫ଟଙ୍କିଆ ଖାଦ୍ୟକୁ ଗରିବ ଲୋକେ ପାଉ ନ ଥିବେ ଓ ସେଥିରେ ଅନିୟମିତତା ହେଉଥିବ, ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଉତ ସୂଚନା ଦେଇଛନ୍ତି।



■କେନ୍ଦ୍ର ଖୋଲିବାର ଘଣ୍ଟାଏ ଭିତରେ ସରିଯାଉଛି ଖାଦ୍ୟ
■ ୫୦୦ ଲୋକଙ୍କ ପାଇଁ ଖାଦ୍ୟ ଆସୁଥିବା ନେଇ ସନ୍ଦେହ



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।
- ଭଲଟାୟର



## ସଂକ୍ଷେପରେ

### ଖୁଚୁରା ପଇସାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ, ୨ ଭାଇ ଗୁରୁତର

କୋରେଇ,୪।୧(ସ୍ୱ.ପ୍ର.)- ଖୁଚୁରା ପଇସାକୁ କେନ୍ଦ୍ରକରି ଗୁରୁବାର ରାତିରେ ଦୁଇ ବ୍ୟବସାୟୀ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯିବାରୁ ଉଭୟ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଉଦୟପାଟଣା ଗ୍ରାମର ଉଦୟ ଜେନା ଓ ସଞ୍ଜୟ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସଞ୍ଜୟଙ୍କ ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଭାଇ ପାଣିକୋଇଲିସ୍ଥିତ ଶର୍ମା ପେଟ୍ରୋଲ ପମ୍ପରେ ଏକ ଭେରାଇଟି ଷ୍ଟୋର କରିଛନ୍ତି। ଗତ ୨୭ ତାରିଖରେ ମଣିପୁର ଗ୍ରାମର ରମେଶ ମଳିକ ଓରଫ ଘଣ୍ଟ ତାଙ୍କ ଦୋକାନକୁ ଆସି ଖୁଚୁରା ପଇସା ଦେଇ କ୍ଷୀର ପ୍ୟାକେଟ୍ ମାଗିଥିଲେ। ମାତ୍ର ଏତେ ପରିମାଣରେ ଖୁଚୁରା ପଇସା ନେବି ନାହିଁ କହି ସଞ୍ଜୟ ତାଙ୍କୁ ଫେରାଇ ଦେଇଥିଲେ। ରମେଶ ଅପମାନିତ ହୋଇ ଦୋକାନ ଜାଳିଦେବା ସହ ଦୁଇ ଭାଇଙ୍କୁ ହାଣିଦେବେ ବୋଲି ଧମକ ଦେଇଥିଲେ। ଗୁରୁବାର ପୁନର୍ବାର ରମେଶ ଦୋକାନକୁ ଆସି କ୍ଷୀର କାହିଁକି ଦେଲୁନାହିଁ କହି ସଞ୍ଜୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦୋକାନରେ ଭଙ୍ଗାରୁଜା କରିଥିଲେ। ଏଥିସହ ପ୍ରାୟ ୧୦ ଜଣ ଯୁବକଙ୍କୁ ଆଣି ଦୁଇଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପାଖ ଦୋକାନୀ ରମେଶଙ୍କୁ କାବୁ କରି ପାଣିକୋଇଲି ପୋଲିସକୁ ଖବର ଦେଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା ( ୩/୧୯ ) ରୁଜୁକରି ରମେଶଙ୍କୁ ଅଟକ ରଖିଥିବା ବେଳେ ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି।

### ଡୁବୁରୀ ପ୍ରିମିୟର ଲିଗ୍ ଉଦ୍ଘାଟିତ
### ସେମିରେ ରିଷି ଇଲେଭେନ, ଫ୍ରେଣ୍ଡ୍ସ ଲାୟନ

ଡୁବୁରୀ, ୪।୧(ଡି.ଏନ୍.ଏ.)- ୟୁଥ୍ କ୍ଳବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଖେଳ ପଡ଼ିଆରେ ଶୁକ୍ରବାର ଦ୍ୱିତୀୟ ବାର୍ଷିକ ଡୁବୁରୀ ପ୍ରିମିୟର ଲିଗ୍ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ସୁକିନ୍ଦା ଟ୍ରକ୍ ଓନର୍ସ ଆସୋସିଏଶନର ସଭାପତି ସଞ୍ଜୟ ରାଉତ, ଜୟନ୍ତ ରାଉତ ଓ ଉଦୟନାଥ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ପ୍ରତିଯୋଗିତାର ପ୍ରଥମ ଦିନରେ ଗ୍ରୁପ 'ଏ'ର ୩ଟି ଦଳ ମଧ୍ୟରେ ଲିଗ୍ ପର୍ଯ୍ୟାୟରେ ଅନୁଷ୍ଠିତ ମ୍ୟାଚ୍‌ରେ ରିଷି ଇଲେଭେନ ଓ ଫ୍ରେଣ୍ଡ୍ସ ଲାୟନ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍ ଫ୍ରେଣ୍ଡ୍ସ ଲାୟନ ଓ ରିଷି ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫ୍ରେଣ୍ଡ୍ସ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର୍‌ରେ ୭ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ଜବାବରେ ରିଷି ଇଲେଭେନ ମାତ୍ର ୫୨ ରନ୍ କରି ପରାସ୍ତ ହୋଇଥିଲା। ଫ୍ରେଣ୍ଡ୍ସ ଇଲେଭେନ ଦଳର ବିଭୂତି ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଦ୍ୱିତୀୟ ମ୍ୟାଚ୍‌ରେ ଫ୍ରେଣ୍ଡ୍ସ ଲାୟନ ନିର୍ଦ୍ଧାରିତ ଓଭର୍‌ରେ ୧୦୪ ରନ୍ କରିଥିଲା। ଜବାବ୍‌ରେ ଶୁଭଲକ୍ଷ୍ମୀ ଇଲେଭେନ ୭୪ ରନ୍ କରି ପରାସ୍ତ ହୋଇଥିଲା। ଫ୍ରେଣ୍ଡ୍ସ ଲାୟନ ଦଳର ଆଶିଷ ଜେନାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ତୃତୀୟ ମ୍ୟାଚ୍‌ରେ ରିଷି ଇଲେଭେନ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୦୮ ରନ କରିଥିବା ବେଳେ ଶୁଭଲକ୍ଷ୍ମୀ ଏକାଦଶ ୮୧ ରନ୍ କରିବାରେ ସକ୍ଷମ ହୋଇଥିଲା। ରିଷି ଇଲେଭେନ ଦଳର କାଳିଆ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଚୟନ କରାଯାଇଛି। ଛାୟାକାନ୍ତ ଦ୍ୱିବେଦୀ ଓ ବିଜେନ୍ଦ୍ର ଘୋଷ ଖେଳ ପରିଚାଳନା କରିଥିଲେ।

### ରାଜ୍ୟସ୍ତରୀୟ ଗୋପୀନାଥଜୀଉ କ୍ରିକେଟ ଟୁର୍ନାମେଣ୍ଟ: କେନ୍ଦୁଝର ବିଜୟୀ

କୋରେଇ,୪।୧(ସ୍ୱ.ପ୍ର.)- ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଡିନ୍ଦା ଗ୍ରାମର ଗୋପୀନାଥଜୀଉ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୪ତମ ରାଜ୍ୟସ୍ତରୀୟ ଗୋପୀନାଥଜୀଉ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ୪ର୍ଥ ଦିବସରେ ପହଞ୍ଚିଛି। କେଆରସିସି କେନ୍ଦୁଝର ଓ ବନାମ ଓସ୍କାର ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମଧ୍ୟରେ ୫ ଉଇକେଟ ହରାଇ ୨୦୫ରନ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୯ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦୁର୍ଗା ପଟ୍ଟନାୟକ ଓ ଶୁଭକାନ୍ତ ପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଶନିବାର ନିମପୁର କଟକ ଓ ବନାମ ଆଜାଦ ହିନ୍ଦ ଟାଙ୍ଗୀ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ୟୁରିଆ ସାର କଳାବଜାର

# ସବ୍‌ସିଡି ହଡ଼ପ ପାଇଁ ବ୍ୟବସାୟୀଙ୍କ ଚକ୍ରାନ୍ତ

- ଜାନୁୟାରୀରୁ ଜୁନ ପର୍ଯ୍ୟନ୍ତ ୨୫୪୧ ଏମ୍‌ଟି ବ୍ୟବସ୍ଥା
- ସରକାରୀ ଭାବେ ଚାଷୀ ପାଉନାହାନ୍ତି ସାର

ଯାଜପୁର ଅଫିସ,୪।୧

ଲାଭଖୋର ସାର ବ୍ୟବସାୟୀଙ୍କୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ଅପାରଗତାରୁ ଯାଜପୁର ଜିଲାରେ ସାରର ଅଭାବୀ ପରିସ୍ଥିତି ଲାଗି ରହିଛି। ବିଡମ୍ବନା ଯେ, ଯାଜପୁର ଜିଲାର ଚାଷୀ ସରକାରୀ ଭାବେ ୟୁରିଆ ସାର କେବେ ବି ପାଇ ନାହାନ୍ତି। ତେବେ ସରକାର ଯୋଗାଉଥିବା ୟୁରିଆ ସାର କେଉଁଆଡେ ଯାଉଛି ତାହା ଚାଷୀ ମହଲରେ ବିସ୍ମୟ ପ୍ରକାଶ ପାଇଛି। ସରକାରୀ ସବ୍‌ସିଡି ହଡ଼ପ କରିବା ଓ ସାରର ଅଭାବୀ ପରିସ୍ଥିତିରେ ଚଢା ଦରରେ ବିକ୍ରି କରିବା ଉଦ୍ଦେଶ୍ୟରେ ସରକାରୀ ଅଧିକାରୀଙ୍କ ସହିତ ହାତ ମିଳାଇ ସାର ବ୍ୟବସାୟୀମାନେ ଆବଣ୍ଟିତ ସାର ଲୁଚାଇ ରଖୁଛନ୍ତି । ଚଳିତ ବର୍ଷ ଜାନୁୟାରୀରୁ ଜୁନ ପର୍ଯ୍ୟନ୍ତ ଯାଜପୁର ଜିଲାକୁ ମାର୍କଫେଡ ଜରିଆରେ ୨୫୪୧ ମେଟ୍ରିକ ଟନ (ଏମଟି)ୟୁରିଆ ସାର ବ୍ୟବସ୍ଥା ହୋଇଛି । ଏହିକ୍ରମରେ ବ୍ୟବସାୟୀମାନେ ସାର ହଡପ କରିବାକୁ ଯୋଜନା ଆରମ୍ଭ କରି ଦେଇଥିବା ଅଭିଯୋଗ ହୋଇଛି।

ଚାଷୀଙ୍କ ଦାବି ମୁତାବକ ରାଜ୍ୟ ସରକାର ମାର୍କଫେଡ ଜରିଆରେ ୨୦୧୯ ଜାନୁୟାରୀରୁ ଜୁନ ପର୍ଯ୍ୟନ୍ତ ରାଜ୍ୟସାରା ସମବାୟ ସମିତି, ଲ୍ୟାମ୍ପସକୁ ୧.୫ ମେଟ୍ରିକ ଟନ ୟୁରିଆ ସାର ଯୋଗାଇ ଦେଇଛନ୍ତି । ଏଥିପାଇଁ ସରକାର ୭୫କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏହିକ୍ରମରେ ଯାଜପୁର ଜିଲା ଚାଷୀଙ୍କ ପାଇଁ ଜାନୁୟାରୀରେ ୨୬୯ ଏମ୍‌ଟି, ଫେବୃୟାରୀରେ ୩୦୮ଏମ୍‌ଟି, ମାର୍ଚ୍ଚରେ ୪୩୬, ଏପ୍ରିଲରେ ୫୬୬, ମେ'ରେ ୩୬୧ ଓ ଜୁନରେ ୬୦୧ ଏମ୍‌ଟି ୟୁରିଆ ସାର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ମାର୍କଫେଡର ପରିଚାଳନା ନିର୍ଦ୍ଦେଶକ ସମସ୍ତ ଏରିଆ ମ୍ୟାନେଜର ଓ ଗୋଦାମ ମ୍ୟାନେଜରଙ୍କୁ ଗୋଦାମ ବ୍ୟବସ୍ଥା କରିବା ସହିତ ମାସିକ ଲକ୍ଷ୍ୟଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିବର୍ଷ ସରକାର ଏପରି ଭାବେ ଚାଷୀଙ୍କ ପାଇଁ ୟୁରିଆ ସାର ଯୋଗାଇ ଦେଉଛନ୍ତି। ହେଲେ ସମବାୟ ସମିତି କିମ୍ବା କୃଷି ବିଭାଗ ପକ୍ଷରୁ ସବସିଡିରେ ଚାଷୀ ୟୁରିଆ ସାର ପାଉ ନ ଥିବା ମତପ୍ରକାଶ ପାଇଛି । ଫଳରେ ଚାଷୀ ବାଧ୍ୟ ହୋଇ କେଜି ପ୍ରତି ପ୍ରାୟ ୧୦ଟଙ୍କା ଚଢା ଦରରେ ୟୁରିଆ ସାର ଖୁଚୁରା ବ୍ୟବସାୟୀଙ୍କଠାରୁ କିଣୁଛନ୍ତି । କୃଷି ବିଭାଗ ପକ୍ଷରୁ ଚାହିଦା ମୁତାବକ ସାରର ଅଭାବ ନାହିଁ ବୋଲି କୁହାଯାଉଥିବା ବେଳେ ବର୍ତ୍ତମାନ ପରିସ୍ଥିତିରେ ପନିପରିବା ଚାଷ ପାଇଁ ପ୍ରଥମ ସାର ପ୍ରୟୋଗର ସମୟ। ଏହି ସମୟରେ ସାର ପ୍ରୟୋଗ ନ କଲେ ଉତ୍ପାଦନ ୫୦ ପ୍ରତିଶତ ହ୍ରାସ ପାଇବ। ତେଣୁ ଚାଷୀ ସାର ପାଇଁ ଅପେକ୍ଷାରତ ଥିବାବେଳେ ସାର ବ୍ୟବସାୟୀମାନେ ୟୁରିଆ ସାରର ଉପରୋକ୍ତ ସବସିଡିକୁ ହଡପ କରିବା ଓ ସାର କୃତ୍ରିମ ଅଭାବୀ ପରିସ୍ଥିତି ସୃଷ୍ଟି କରି କଳାବଜାର କରିବାକୁ ବିଧିବଦ୍ଧ ଯୋଜନା କରିଛନ୍ତି। ଏହି ପରିସ୍ଥିତିରେ ସାର ବ୍ୟବସାୟୀଙ୍କୁ ନିୟନ୍ତ୍ରଣରେ କୃଷି ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଚାଷୀଙ୍କ ପାଇଁ ସାର ବିକ୍ରି କରାଇବା ବିଭାଗର ପ୍ରଥମ ଦାୟିତ୍ୱ। ଏହି ଦାୟିତ୍ୱ ବିଭାଗ ନିର୍ବାହ କରୁନାହିଁ । ସାର ଲୁଚାଇ ରଖିବା ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀ ମହଲରେ ଦାବି ହେଉଛି । ଦଶରଥପୁର ଅଞ୍ଚଳର ଚାଷୀ ଶରତଚନ୍ଦ୍ର ସେଠୀ ଓ ଉଦକର ମଲ୍ଲିକ, ବରୀ ଅଞ୍ଚଳର ଚାଷୀ ପ୍ରଶାନ୍ତ ବିଶ୍ୱାଳ, ଆଦମପୁର ଚାଷୀ ହାଡିବନ୍ଧୁ ପାତ୍ର କୁହନ୍ତି, ପୂର୍ବରୁ ସରକାରୀ ଭାବେ ସମବାୟ ସମିତି ଜରିଆରେ କାଁଭାଁ ୟୁରିଆ ସାର ମିଳୁଥିଲା । ଏବେ ଆଉ ସେଭଳି ସାର ବିକ୍ରି ହେଉନାହିଁ । ଖୁଚୁରା ବ୍ୟବସ୍ଥାୟୀଙ୍କଠାରୁ ଚଢା ଦରରେ ସାର କିଣିବାକୁ ପଡୁଛି । ବେଳେ ବେଳେ ୟୁରିଆ ସାର ନ ମିଳିବାରୁ ଚାଷରେ ବହୁ କ୍ଷତି ସହିବାକୁ ପଡୁଛି । ଏ ସଂକ୍ରାନ୍ତରେ କୃଷି ଉପନିର୍ଦ୍ଦେଶକ ଶରତଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ, ୟୁରିଆ ସାରର ସ୍ଥିତି ସମ୍ପର୍କରେ କାଗଜପତ୍ର ଦେଖି କହିହେବ। ତେବେ ଚାଷୀଙ୍କ ପାଇଁ ଆସୁଥିବା ସାର ସମବାୟ ସମିତି ଓ ଲାଇସେନ୍ସପ୍ରାପ୍ତ ଡିଲରଙ୍କ ଜରିଆରେ ବିକ୍ରି ହେଉଛି ବୋଲି କହିଛନ୍ତି।

### ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ୍ ପ୍ରତିଯୋଗିତା: ଯାଜପୁର ଚାମ୍ପିୟନ୍

ଛତିଆ,୪।୧(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲାରେ ୬୪ ତମ ରାଜ୍ୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୫ ଜିଲାର ୧୭ ବର୍ଷରୁ କମ୍ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଯାଜପୁର ୧୧/୮ ଗୋଲ୍‌ରେ ଭଦ୍ରକକୁ ହରାଇ ଚାମ୍ପିୟନ ହୋଇଛି। ଯାଜପୁର ଜିଲାରୁ ୭ ଖେଳାଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ତେଲେଙ୍ଗାନା ଗସ୍ତ କରିବେ ବୋଲି ଯାଜପୁର ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଶମ୍ଭୁନାଥ ଦାସ ସୂଚନା ଦେଇଛନ୍ତି। ଯାଜପୁର ହ୍ୟାଣ୍ଡବଲ ଦଳରୁ ହରିହର ବିଶ୍ୱାଳ, ଲିପିକା ପ୍ରିୟଦର୍ଶୀନି କୋଚ୍ ଏବଂ ମ୍ୟାନେଜର୍ ଭାବେ ଜଗତ୍‌ସିଂହପୁର ଗସ୍ତରେ ଯାଇଥିଲେ। ଯାଜପୁର ହ୍ୟାଣ୍ଡବଲ ସଂଘ ସମ୍ପାଦକ ରମେଶ ପୃଷ୍ଟି ସମସ୍ତ ଖେଳାଳି, ପ୍ରଶିକ୍ଷକ ଏବଂ ଜିଲା ବିଦ୍ୟାଳୟ କ୍ରୀଡା ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଧର୍ମଶାଳା ମହୋତ୍ସବର ଏକାଦଶ ସନ୍ଧ୍ୟା

# ଓଲିଉଡ୍ ନାଇଟ୍‌ରେ ଝୁମିଲେ ଦର୍ଶକ

ଧର୍ମଶାଳା,୪।୧(ଡିଏନଏ )

ଧର୍ମଶାଳା ମହୋତ୍ସବ ଶୁକ୍ରବାର ଏକାଦଶ ଦିନର ସନ୍ଧ୍ୟାରେ ଓଲିଉଡ ନାଇଟର କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣର ଦର୍ଶକ ଭରପୂର ମଜା ଉଠାଇଛନ୍ତି। ବିଶେଷକରି କଣ୍ଠଶିଳ୍ପୀ ପ୍ରଦୀପ ପଲାଇ, ରୋଜାଲିନ୍ ସାହୁ, ଅର୍ପିତା ଚୌଧୁରୀ ଓ ଇଣ୍ଡିଆନ ଆଇଡଲ ଶିଖା ତ୍ରିପାଠୀଙ୍କ ଦ୍ୱାରା ପରିବେଷିତ ହିନ୍ଦୀ ଓ ଓଡିଆ ସଙ୍ଗୀତ ବେଶ ମନଛୁଆଁ ରହିଥିଲା। ଧର୍ମଶାଳାର ଐତିହ୍ୟ ସଂସ୍କୃତି ଓ ପରମ୍ପରାକୁ ଲୋକ ଲୋଚନକୁ ଆଣିବା ଲକ୍ଷ୍ୟରେ ୨୦୦୫ରେ ଗଜଲକ୍ଷ୍ମୀ ପୂଜା ଅବସରରେ ପ୍ରଥମ କରି ଏହି ମହୋତ୍ସବର ଆୟୋଜନ କରାଯାଇଥିଲା। ହାତଗଣତି ମାତ୍ର କେତୋଟି ଉଠା ଦୋକାନ ଓ କାରିକରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଏବେ ୧୪ ବର୍ଷରେ ପହଞ୍ଚିଛି। ୧୪ ବର୍ଷ ମଧ୍ୟରେ ମହୋତ୍ସବରେ ଅନେକ କିଛି ପରିବର୍ତ୍ତନ ହୋଇଛି। ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ମହୋତ୍ସବ ଏବେ ଏକ ବିରାଟ ମେଳାରେ ପରିଣତ ହୋଇଛି। ଯାହା ଅଞ୍ଚଳ ପାଇଁ ଏକ ଗଣ ପର୍ବ ପାଲଟିଛି । ତେବେ ଡିସେମ୍ବର ୨୫ରୁ ଉଦ୍‌ଘାଟିତ ହୋଇଥିବା ଏହି ମହୋତ୍ସବ ଶନିବାର ଉଦ୍‌ଯାପିତ ହେବ। ଉଦ୍‌ଯାପନୀ ସମାରୋହରେ ବାଙ୍କୀ ଅଞ୍ଚଳର ସିଂହମ୍ ଡ୍ୟାନ୍ସ ଗ୍ରୁପ୍, ମେଲୋଡି କୁଇନ ଜେସିକା ଓ ପଟାମୁଣ୍ଡାଇର ଗଡମେକର ଗ୍ରୁପ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଶନ୍ତିଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପୋଲିସ ପକ୍ଷରୁ ୨ସେକ୍ସନ୍ ଫୋର୍ସ ମୁତୟନ କରାଯାଇଛି।



ଓଲିଉଡ ନାଇଟ୍ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି ।

### କେଡିଏମ୍ କ୍ରିକେଟ୍ ଟୁର୍ନାମେଣ୍ଟ
### କମାଗଡ, ତରଞ୍ଜିଆ ବିଜୟୀ

ଧର୍ମଶାଳା, ୪।୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତ ଖେଳପଡ଼ିଆଠାରେ ଅନୁଷ୍ଠିତ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ଦୁଇଟି କ୍ୱାର୍ଟର ଫାଇନାଲ ଶେଷ ହୋଇଛି। ଏହିମ୍ୟାଚ୍‌ରେ ଯଥାକ୍ରମେ କମାଗଡ ଓ ତରଞ୍ଜିଆ ଦଳ ବିଜୟୀ ହୋଇ ଜୋନାଲ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ କମାଗଡ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ୍ ହରାଇ ୧୫୬ ରନ୍ ସଂଗ୍ରହ କରିଥିଲା। ଜବାବରେ ସମ୍ପାରୁ ଦଳ ବ୍ୟାଟିଂ କରି ୧୨.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୨ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ତରଞ୍ଜିଆ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ମହିଶରା ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୩୫ ରନ୍ କରି ପରାସ୍ତ ହୋଇଛି । ରଞ୍ଜନ ପାଳ, ନାରାୟଣ ପାଳ, ପ୍ରଦୀପ୍ତ ରାଉତ, ନାରାୟଣ ପାଳ ଖେଳ ପରିଚାଳନା କରିଥିଲେ। ସିଲୁ ମହାପାତ୍ର, ପ୍ରକାଶ ଧଳ ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ରବିବାର ୨ଟି ସେମିଫାଇନାଲ ମ୍ୟାଚ ଜେନାପୁର ସହିତ କମାଗଡ ଓ ପୁରୁଣା ବଉଳମାଳ ସହିତ ତରଞ୍ଜିଆ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀ ରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ୩ ନଂ. ଜୋନର ୱାର୍ଡ କମିଟି ବୈଠକ




ବୈଠକରେ ବିଧାୟକ ଆକାଶ ଦାଶ ନାୟକ ବକ୍ତବ୍ୟ ଦେଉଛନ୍ତି ।

କୋରେଇ,୪।୧(ସ୍ୱ.ପ୍ର.)

ପଥରପଦାସ୍ଥିତ କୋରେଇ ପଡ଼ିଆ ପରିସରରେ କୋରେଇ ବିଜେଡି ପକ୍ଷରୁ ଶୁକ୍ରବାର ୩ ନଂ. ଜୋନର ୯ ପଞ୍ଚାୟତକୁ ନେଇ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ୱାର୍ଡସ୍ତରରୁ କର୍ମୀଙ୍କ ବୈଠକ କରାଯାଇ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରିବା ସହ ଲୋକଙ୍କ ପାଖରେ ଏହି ଯୋଜନାର ସୁଫଳ ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ସାହୁ, ଜିଲା ପରିଷଦ ସଭ୍ୟ ଧରଣୀଧର ଘଡେଇ, ବ୍ଲକ ସମ୍ପାଦକ ଗଣେଶ ସାହୁ, ବଳରାମ ସାହୁ, ବ୍ଲକ ବିଜେଡି ମହିଳା ସଭାପତି ନିର୍ମଳା ରାଉତ, ଯୁବ ସଭାପତି ପ୍ରଶାନ୍ତ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ପ୍ରକାଶ ମଲ୍ଲିକ, ସୌଭାଗ୍ୟ ମହାନ୍ତି, ପିନାକ ରଞ୍ଜନ ଦାସ, ସୁରେନ୍ଦ୍ର ମିଶ୍ର, ତଣ୍ଡରା ସଭାପତି ମାନସ ମହାନ୍ତି, ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ମତ ରଖିବା ସହ ବିଧାୟକଙ୍କୁ ବିଜୟୀ କରିବା ପାଇଁ ଆଜିଠୁ କାମ ଆରମ୍ଭ କରିବାକୁ ଆହ୍ୱାନ ଦେଇଥିଲେ । ଜିଲା ସାଧାରଣ ସମ୍ପାଦକ ଅଭୟ କୁମାର ମହାନ୍ତି, ଗୁନୁ ଭୂୟାଁ, ସୁରେଖା ସେଠୀ, ଗୋପାଳ ସେଠୀ, ନିରଞ୍ଜନ ବାରିକ, ଶରତ ଜେନା, ଜହର ଅଲ୍ଲୀ, କୁଳମଣୀ ଦାସ, ଅଶୋକ ବାରିକ, ଭାନୁପ୍ରଭା କରଣ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପଥରପଦା ସଭାପତି ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସୁକୁରୁଙ୍ଗୀ ମୁଣ୍ଡା ସାହି ବାସିନ୍ଦାଙ୍କୁ ବିସ୍ଥାପିତ ପ୍ରସଙ୍ଗ

# କ୍ଷତିପୂରଣ ପରେ ବିସ୍ଥାପନ ଦାବିରେ ଧାରଣା

କାଳିଆପାଣି, ୪।୧(ଡି.ଏନ୍.ଏ.)

ଓଡ଼ିଶା ଖଣି ନିଗମ ସିଓବି ପ୍ଲାଣ୍ଟ ନିକଟରେ ରହିଥିବା ସୁକୁରୁଙ୍ଗୀ ମୁଣ୍ଡା ସାହି ବାସିନ୍ଦାଙ୍କୁ ବିସ୍ଥାପିତ କରାଯିବାକୁ ନେଇ ଶୁକ୍ରବାର ସାହି ବାସିନ୍ଦା ପକ୍ଷରୁ ବିରୋଧ କରାଯାଇଛି। ବୁଧିରାମ ମହାରଣାଙ୍କ ନେତୃତ୍ୱରେ ଖଣି ନିଗମର ସାଉଥ କାଳିଆପାଣି ମାଟି ଡମ୍ପ ନିକଟରେ ଶତାଧିକ ସାହି ବାସିନ୍ଦା ଧାରଣାରେ ବେଇଛନ୍ତି। କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିବା ଜଣାପଡିଛି। ତେବେ ନିଗମ ପକ୍ଷରୁ ୨୫ ଲକ୍ଷ ଟଙ୍କା ସହ ଘରଡ଼ିହ ପାଇଁ ଜମି ପଟ୍ଟା ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସ୍ଥାନୀୟ ଯୁବନେତା ଆଶଷ କୁମାର ଜେନା କହିଛନ୍ତି । ପ୍ରକାଶ ଯେ, ଖଣି ନିଗମ ପ୍ଲାଣ୍ଟ ନିକଟ ମୁଣ୍ଡା ସାହିରେ ଦୀର୍ଘବର୍ଷ ହେବ ୨୧ ପରିବାର ରହି ଆସୁଛନ୍ତି । ଓଡ଼ିଶା ଖଣି ନିଗମ ପକ୍ଷରୁ କୌଣସି ଅଗ୍ରିମ ନୋଟିସ ନ ଦେଇ ସେମାନଙ୍କୁ ବିସ୍ଥାପିତ କରାଯାଉଛି। ପ୍ରଶାସନ ପକ୍ଷରୁ ସାହି ବାସିନ୍ଦାଙ୍କୁ ଶୀଘ୍ର ଘର ଭାଙ୍ଗି ଅନ୍ୟତ୍ର ଚାଲିଯିବାକୁ କୁହାଯାଉଥିବା ଅଭିଯୋଗ ହୋଇଛି । ଖଣି ନିଗମର ଏପରି ବେଆଇନ କାର୍ଯ୍ୟକୁ ବିରୋଧ କରି ସାହି ବାସିନ୍ଦାଙ୍କ ପକ୍ଷରୁ ଡମ୍ପ ନିକଟରେ ଧାରଣା ଦିଆଯାଇଥିବା ଆନ୍ଦୋଳନକାରୀ କହିଛନ୍ତି । ଧାରଣାରେ ମିନି ପିଙ୍ଗୁଆ, ରଞ୍ଜନ ପାତ୍ର, ସିତୁ ମୁଣ୍ଡା, ଅଭିମନ୍ୟୁ ମହାନ୍ତ, ସାଗର ଟୁଡୁ, ସୁକଦେବ ପିଙ୍ଗୁଆ, ସୁମିତ୍ରା ମୁଣ୍ଡା, ସୁମନ ମୁଣ୍ଡା, ଜେମା ସାମଲ, ଚକ୍ରଧର ମୁଣ୍ଡା, ରାଇମଣି ମୁଣ୍ଡା, ଲାଗୁରୀଙ୍କ ସମେତ ଶତାଧିକ ବାସିନ୍ଦା ସାମିଲ ହୋଇଛନ୍ତି । ଏ ନେଇ ଖଣି ପରିଚାଳକ ଅବନୀକାନ୍ତ ପ୍ରଧାନଙ୍କୁ ପଚାରିବାରୁ ଖଣି ନିଗମ ଲିଜ୍ ଅଞ୍ଚଳ ଭିତରେ ରହିଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଛନ୍ତି ।

### ଦୋକାନ ଭାଙ୍ଗି ଚୋରି ଘଟଣା: ଜଣେ ଗିରଫ , ଟଙ୍କା ଜବତ

କଳିଙ୍ଗନଗର, ୪।୧(ଡି.ଏନ୍.ଏ.)–

କଳିଙ୍ଗନଗର ପୋଲିସ ଶୁକ୍ରବାର କ୍ୟାବିନ ଭାଙ୍ଗି ଟଙ୍କା ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରବା ସହ ୫୯୦୦ ଟଙ୍କା ଏବଂ ଗୋଟିଏ ଛୁରି ଜବତ କରିଛି। ଗିରଫ ଅଭିଯୁକ୍ତ ଦାନଗଦୀ ଅଞ୍ଚଳ ତ୍ରିଜଙ୍ଗା କଲୋନୀର କାଳିଆ ମଲ୍ଲିକ (୨୨) ଓରଫ ପ୍ରମୋଦ। ଏ ନେଇ ପୋଲିସ ଏକ ମାମଲା ( ୧/୧୯) ରୁଜୁ କରି କାଳିଆଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପ୍ରକାଶ ଯେ, ଗତ ୨ ତାରିଖ ବିଳମ୍ବିତ ରାତିରେ ବିଆରପିଏଲ ଛକଠାରେ ପୋଲିସ ପାଟ୍ରୋଲିଂ ବେଳେ ସନ୍ଦେହରେ ୨ଜଣ ଯୁବକଙ୍କ ମଧ୍ୟରୁ କାଳିଆଙ୍କୁ କାବୁ କରିଥିବାବେଳ ଅନ୍ୟଜଣେ ଫେରାର ହୋଇ ଯାଇଥିଲେ। ତଦନ୍ତ ପରେ ବିଆର୍‌ପିଏଲ୍ ଛକଠାରେ ଥିବା ଖୁର୍ଚ୍ଚିଣ୍ଟର ସଞ୍ଜୟ ଜେନାଙ୍କ ଦୋକାନ ଚୋରି ଘଟଣାରେ କାଳିଆଙ୍କ ସମ୍ପୃକ୍ତି ନେଇ ପୋଲିସ ଜାଣିବାକୁ ପାଇଥିଲା। ସଞ୍ଜୟ ନିଜ ଦୋକାନରୁ ଚୋରି ହୋଇଥିବା ନେଇ କଳିଙ୍ଗନଗର ଥାନାରେ ଗତ ୨ ତାରିଖରେ ଅଭିଯୋଗ କରିଥିଲେ।

# ବ୍ୟାନର ଚିରାକୁ ନେଇ ଉତ୍ତେଜନା

ବରୀ,୪।୧(ସ୍ୱ.ପ୍ର.)

ବରୀ ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ନୂତନ ବର୍ଷର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବାକୁ ରାସ୍ତାରେ ନେତାଙ୍କ ବ୍ୟାନର, ହୋର୍ଡିଂ, ତୋରଣମାନ କରାଯାଉଛି। ଏହି ଅବସରରେ ବିଜେଡିର ରାଜ୍ୟ ସମ୍ପାଦକ ବିଜୟ ନାୟକ ବରୀର ବିଭିନ୍ନ ଜାଗାରେ ବ୍ୟାନର, ହୋର୍ଡିଂ ଲଗାଇ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ହେଲେ କେତେଜଣ ଦୁର୍ବୃତ୍ତ ଗୁରୁବାର ବିଳମ୍ବିତ ରାତିରେ ବିଜୟଙ୍କ ବ୍ୟାନର ଚିରି ଦେଇଛନ୍ତି। ଅଜାଣ ଛକ, ବରୀ ମାଉଣ୍ଡ, ଶଙ୍କାରିଗଡା, ବାଲିଆ ଆଦି ବିଭିନ୍ନ ସ୍ଥାନରୁ ବିଜୟଙ୍କ ବ୍ୟାନର ଚିରି ଦିଆଯାଇଛି। ଏ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବିଭିନ୍ନ ଦଳର ରାଜ୍ୟସ୍ତରୀୟ ନେତାଙ୍କ ବରୀ ଆଗମନ ନେଇ ପ୍ରସ୍ତୁତି ବୈଠକ କରାଯାଉଥିବା ସୂଚନା ମିଳିଛି। ଫଳରେ ବରୀ ରାଜନୀତି ସରଗରମ ହୋଇଉଠିଛି। ୨୦୧୯ ନିର୍ବାଚନରେ ବିଧାନସଭା ଆସନ ପାଇଁ ବିଜେଡିର ନୂଆ ମୁହଁ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ବିଜେଡିର ରାଜ୍ୟ ସମ୍ପାଦକ ବିଜୟ ନାୟକ ଦୌଡରେ ଥିବା ଜଣାପଡିଛି। ୨୦୧୪ରେ ବିଜୟ ଟିକେଟ ଲବିରେ ଥିବାବେଳେ ବିଫଳ ହୋଇଥିଲେ। ସେବେଠୁ ନୀରବ ରହିଥିବା ବିଜୟ ପୁନର୍ବାର ବରୀ ପାଇଁ ଆଶା ରଖିଥିବା ଜଣାପଡିଛି। ଅପରପକ୍ଷରେ ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ଦଳ ପିଠା ଯୋଜନା, କଳାକାରଙ୍କୁ ଭତ୍ତା ବଣ୍ଟନ ଆଦି କାର୍ଯ୍ୟକ୍ରମ କରି ଏବେଠୁ ଲୋକଙ୍କ ନିକଟତର ହେବାକୁ ଅଣ୍ଟା ଭିଡିଛି। ଚଳିତ ମାସରେ କଂଗ୍ରେସର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବରୀ ଗସ୍ତକୁ ନେଇ ଅଲିଆବାଦ, ବ୍ରହ୍ମବରଦା ଆଦି ସ୍ଥାନରେ ପ୍ରସ୍ତୁତି ବୈଠକ ସରିଥିବା ବରୀ ବ୍ଲକ ପୂର୍ବତନ କଂଗ୍ରେସ ସଭାପତି ଶୈଳେନ୍ଦ୍ର ବେଉରିଆ କହିଛନ୍ତି। ସେହିପରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବରୀ ଗସ୍ତ ନେଇ ବରୀର ଭାଜପା ନେତା ବିଶ୍ୱରଞ୍ଜନ ମଲିକ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଆଲୋଚନା ଜାରି ରଖିଥିବା ସୂଚନା ମିଳିଛି। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ କୁହନ୍ତି, ବ୍ୟାନର ଚିରିବା ଆଦୌ ଠିକ୍ ନୁହେଁ। ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତ ନାଗରିକଙ୍କ ଶୁଭେଚ୍ଛା ଜଣାଇବାର ଅଧିକାର ରହିଛି। ବରୀ ହେଉଛି ତାଙ୍କର ଜନ୍ମମାଟି ଏବଂ ସମସ୍ତେ ତାଙ୍କ ନିଜର।

## ସର୍ବଭାରତୀୟ ଶୋଭନୀୟ ଯୁବ ସମାବେଶ ଉଦ୍‌ଯାପିତ

# 'ହିଂସା, ସ୍ୱାର୍ଥ ତ୍ୟାଗ କଲେ ଆଦର୍ଶ ସମାଜ ଗଠନ ସମ୍ଭବ'

ଚଣ୍ଡିଖୋଲ,୪।୧(ଡି.ଏନ୍.ଏ.)

ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ନିକଟସ୍ଥ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଅନୁଷ୍ଠିତ ସର୍ବଭାରତୀୟ ଶୋଭନୀୟ ଯୁବ ସମାବେଶ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶିକ୍ଷାଶ୍ରମର ଅଧ୍ୟକ୍ଷା ଅରୁନ୍ଧତୀ ଦେବୀ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଗାନ୍ଧୀବାଦୀ ନେତା ଡ. ଏସ୍‌ଏନ୍ ସୁବାରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଜିର ଯୁବ ସମାଜ ହିଂସା ଏବଂ ସ୍ୱାର୍ଥକୁ ତ୍ୟାଗ କଲେ ଆଦର୍ଶ ସମାଜ ଗଠନ ହୋଇପାରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବୋଦୟ କର୍ମୀ ରମାକାନ୍ତ ମଣ୍ଡଳ, ସୁପ୍ରିମ୍‌କୋର୍ଟ ଆଡଭୋକେଟ୍ ଶୁକଦେବ ପତ୍ରି, ସ୍ୱାମୀ ସମର୍ପଣ, ଶୋଭନୀୟ ଅନ୍ଦୋଳନର ନିୟନ୍ତ୍ରିକା ରୁକ୍ମିଣୀ ଦେବୀ ଓ ଯୁବ ପ୍ରତିଭା ନିରାକାର ବେଉରିଆ ପ୍ରମୁଖ ଯୋଗ ଦେଇଥିଲେ। ଦିଲ୍ଲୀ ଆର୍ଟ କଲେଜର ଛାତ୍ର ସୁଶାନ୍ତ କୁମାର ବେହେରାଙ୍କୁ ଆନ୍ତର୍ଜାତିକ କୁମାର ଭାଇ ଯୁବ ସମ୍ମାନ ଓ ଡ. ସୁବାରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶୁକଦେବ ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ସୋମାରାଣୀ ଚାନ୍ଦ୍, କାଳିକିଙ୍କର ପଟ୍ଟନାୟକ ପ୍ରମୁଖ ଆଲୋଚକଭାବେ ଯୋଗଦେଇଥିଲେ। ଅଧ୍ୟାପକ ଇନ୍ଦ୍ରମଣି ନାୟକ ଧନ୍ୟବାଦ ଦେଇଥିଲେ।

# ବେଧଡ଼କ ଚାଲିଛି ବେଆଇନ ବାଲି ଚାଲାଣ

- ରାଜସ୍ୱ ହରାଉଛନ୍ତି ସରକାର
- ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ

ଦଶରଥପୁର,୪।୧(ଡି.ଏନ.ଏ.)

ଗ୍ରୀନ୍ ଟ୍ରିବ୍ୟୁନାଲ୍ ନଦୀଗୁଡ଼ିକରୁ ବାଲି ଉଠାଣ ଉପରେ ବିଭିନ୍ନ କଟକଣା ଜାରି କରିଥିବାବେଳେ ପ୍ରଶାସନ ଏହି ନିୟମକୁ କଡାକଡିଭାବେ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଦଶରଥପୁର ବ୍ଲକ ପ୍ରଶାସନିକ ଅଧିକାରୀ ବାଲି ବ୍ୟବସାୟୀଙ୍କଠାରୁ ଉତ୍କୋଚ ନେଇ ନିୟମ ଉଲ୍ଲଂଘନ କରୁଥିବା ଜଣାପଡ଼ିଛି। ଦଶରଥପୁର ବ୍ଲକ ଦେଇ ଯାଇଥିବା ମୁଖ୍ୟତଃ ବୈତରଣୀ ନଦୀ ଓ ଏହାର ଶାଖା କାଣୀ ନଦୀର ବିଭିନ୍ନ ସ୍ଥାନରୁ ଦୈନିକ ହଜାର ହଜାର ଟ୍ରିପ ବାଲି ଚାଲାଣ ହେଉଛି । ଦଶରଥପୁର ତହସିଲ ଅଧୀନରେ ଥିବା ନଦୀର କୌଣସି ଗୋଟିଏ ବାଲିଘାଟ ନିଲାମ ହୋଇ ନ ଥିବାବେଳେ ୮ରୁ ୧୦ ସ୍ଥାନରେ ବେଆଇନ ଭାବେ ବାଲି ଉଠାଣ ଚାଲିଛି। ବିଶେଷକରି ଜୟନ୍ତରା, ପଲ୍ଲାସାହି, ନୂଆପାଟଣା, ସିନ୍ଦୁରାଇମୁହଁ, ସିଦ୍ଧେଶ୍ୱର, ହୀରାପୁର, ବ୍ରହ୍ମଚାରୀପାଟଣା, ଅହିୟାସ ଓ କୟାଁଗୋଲା ଆଦି ସ୍ଥାନରୁ ଦିନରାତି ବେଧଡ଼କ ବାଲିଚାଲାଣ ହେଉଛି। ଫଳରେ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହ ସରକାର ରାଜସ୍ୱ ହରାଉଛନ୍ତି ଏବଂ ରାସ୍ତାଘାଟଠାରୁ ଆରମ୍ଭକରି ନଦୀବନ୍ଧ ଦୁର୍ବଳ ହୋଇପଡୁଛି। ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାଲି ଚାଲାଣ ପାଇଁ ବିଭିନ୍ନ ଘାଟଗୁଡ଼ିକରେ ନଦୀବନ୍ଧ କଟାଯାଇ ରାସ୍ତା କରାଯାଉଛି । ତେଣୁ ନଦୀରେ ବନ୍ୟା ଆସିଲେ ଦୁର୍ବଳ ସ୍ଥାନରେ ଘାଇ ସୃଷ୍ଟି ହେଉଛି ନଚେତ୍ ନଦୀବନ୍ଧ ଭାଙ୍ଗୁଥିବାର ବହୁ ଦୃଷ୍ଟାନ୍ତ ରହିଛି । ଏ ନେଇ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏତଦ୍‌ବ୍ୟତୀତ ସ୍ଥାନୀୟ ରାସ୍ତାରେ ଦୈନିକ ଶହଶହ ବାଲି ବୋଝେଇ ଟ୍ରକ୍ ଓ ଟ୍ରାକ୍ଟର ଯାତାୟାତ କରିବା ଯୋଗୁ ରାସ୍ତା ମଧ୍ୟ ଫାଟୁଛି। କେତେଜଣ ବାଲି ବ୍ୟବସାୟୀ ଜୟନ୍ତରା ଏବଂ ନୂଆପାଟଣା ଘାଟକୁ ନିଜର ପୈତୃକ ସମ୍ପତ୍ତି ଭାବି ଏଥିରୁ ରୋଜଗାର କରୁଥିବା ନିକଟସ୍ଥ ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳିଛି। ଏହି ଦୁଇ ଘାଟରେ ବ୍ୟବସାୟୀମାନେ ବାହାରୁ ଯାଉଥିବା କୌଣସି ଗାଡ଼ିରେ ଲୋଡ କରାଇ ନ ଦେଇ ନିଜ ଗ୍ରାମ ଏବଂ ସମ୍ପର୍କୀୟଙ୍କ ଗାଡି ଦ୍ୱାରା ବାଲି ଚାଲାଣ କରୁଥିବା ଜଣାଯାଇଛି । ଏ ସମ୍ପର୍କରେ ଦଶରଥପୁର ତହସିଲଦାର ଜ୍ୟୋତି ପ୍ରକାଶ ମହାନ୍ତିଙ୍କୁ ପଚାରିବାରେ, ବାଲି ବ୍ୟବସାୟୀମାନେ ରାତିରେ ବାଲିଚାଲାଣ କରୁଥିବା ଅଭିଯୋଗ ଆସିଛି। ପୋଲିସ୍ ସହାୟତାରେ ଖୁବ୍‌ଶୀଘ୍ର ଚଢାଉ କରାଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ରଙ୍ଗୋଲି ମାଧ୍ୟମରେ ନିର୍ବାଚନ ସଚେତନତା



**ବୋଲଗଡ଼,୪।୧(ଡି.ଏନ୍.ଏ.) :** ନାଗରିକମାନଙ୍କ ଗଣତାନ୍ତ୍ରିକ ମତାଧିକାର ନେଇ ବୋଲଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ରଙ୍ଗୋଲି ମାଧ୍ୟମରେ ଏକ ସଚେତନତା ସୃଷ୍ଟି କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ରଙ୍ଗର ଚିତ୍ର ପ୍ରଦର୍ଶିତ କରିଛନ୍ତି। ଖୋର୍ଦ୍ଧା ଉପଜିଲାପାଳ ସରୋଜ କୁମାର ସାହୁ, ବୋଲଗଡ଼ ବିଡିଓ ମଧୁସୂଦନ ବେହେରା, ବିପିଏମ୍ ପ୍ରକାଶ ଚନ୍ଦ୍ର ବଳିୟାରସିଂ ଏବଂ ସିଡିପିଓ ବନବାସିନୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନିଶା କିମ୍ବା ନୋଟ୍‌ରେ ଭୋଟ ନ ଦେଇ ମତଦାନ ଅଧିକାରକୁ ସାବ୍ୟସ୍ତ କରି ମହତ ଭୋଟ ଦେବାକୁ ବାର୍ତ୍ତା ଦିଆଯାଇଥିଲା।

### ଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ
### ମୋ ଜୀବନରେ ଶ୍ରୀଜଗନ୍ନାଥ ଆଲୋଚନା

**ଖୋର୍ଦ୍ଧା ଅଫିସ,୪।୧:** ଚିଲିକା ବ୍ଲକ କାଙ୍କଣଶିଖରୀରେ ଚାଲିଥିବା ଜଗନ୍ନାଥ ମହୋତ୍ସବରେ ପଞ୍ଚରାତ୍ର ମହାଯଜ୍ଞ ଲାଗି ନଈରୀ ୬ ଦିନ ଧରି ଉତ୍ସବ ମୁଖର ହୋଇପଡ଼ିଥିଲା। ମହୋତ୍ସବର ୫୦୦ ମିଟର ବ୍ୟବଧାନ ପ୍ରଦର୍ଶନୀ ପଡିଆରେ ଲୀଳାକ୍ଷେତ୍ର ମଣ୍ଡପ, ବେଶ ମଣ୍ଡପ, ନବକଳେବର ମଣ୍ଡପ ଓ ଶ୍ରୀଜୀଉଙ୍କର ଛପନ ଭୋଗ ପ୍ରଦର୍ଶନୀକୁ ଦେଖିବାକୁ ବେଶ ଗହଳି ଲାଗି ରହିଥିଲା। କିଶୋର ମେଳା ଓ ପୂର୍ଣ୍ଣାହୁତି ପରେ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପଞ୍ଚରାତ୍ର ମହାଯଜ୍ଞର ପୂର୍ଣ୍ଣାହୁତି ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ନଈରୀ ପ୍ରଦର୍ଶନୀ ପଡିଆରୁ ଚିଲିକା ତଟ ଗଙ୍ଗାଯମୁନା ଘାଟ ପର୍ଯ୍ୟନ୍ତ ଧାଡିକରି ଡଙ୍ଗାକୁ ଅପେକ୍ଷା କରିଥିଲେ। କାଙ୍କଣଶିଖରୀ ପୀଠ ଲୋକାରଣ୍ୟ ହୋଇପଡିଥିଲା। ପଣ୍ଡିତଙ୍କ ବେଦପାଠ ଓ ଓଁକାର ଧ୍ୱନିରେ ଚିଲିକା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ନଈରୀ ମହୋତ୍ସବ ପଡିଆରେ କିଶୋର ମେଳା ଅନ୍ୟତମ ଆକର୍ଷଣ ଥିଲା। କିଶୋରମେଳାରେ ଆଲୋଚନାର ପ୍ରସଙ୍ଗ ମୋ ଜୀବନରେ ଶ୍ରୀଜଗନ୍ନାଥ ଥିଲା। ମଞ୍ଚ ଉପରେ ଉପଦେଶ ଦେଉଥିବା ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ମହାରାଜ ତଳକୁ ଓହ୍ଲାଇ ଆସି କିଶୋରଙ୍କ ମନରେ ଆଧାତ୍ମିକ ଚେତନା ସୃଷ୍ଟି କରିଥିଲେ। ସକାଳ ୭ଟାରୁ ୮ଟା ପର୍ଯ୍ୟନ୍ତ ନଗର ସଂକୀର୍ତ୍ତନ ସହ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଓ ୮ଟାରୁ ୯ଟା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଭକ୍ତି ସରିତାରେ ସ୍କନ୍ଦ ପୁରାଣର ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ ଶୁଣିବାକୁ ମିଳିଥିଲା। ଉଦ୍‌ଯାପନୀ ସଭାରେ ଦଇତାପତି ରାମକୃଷ୍ଣ ଦାସ ଓ ସ୍ୱାମୀ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ମହାରାଜ ପ୍ରବଚନ ଦେଇଥିଲେ। ପ୍ରବଚନରେ କାଙ୍କଣଶିଖରୀ ପରି ପ୍ରଭୁଙ୍କ ଲୀଳାକ୍ଷେତ୍ର ଅର୍ଚ୍ଚନା ଓ ଆରାଧନାର ସ୍ଥଳ ହୋଇ ରହିବ ବୋଲି କହିଥିଲେ। ମହୋତ୍ସବ କମିଟି ଆବାହକ ସୁଶାନ୍ତ ସାହୁଙ୍କ ସଂଯୋଜନାରେ ଚିଲିକା ନିର୍ବାଚନମଣ୍ଡଳୀର ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ବିଧାୟକ ଡା. ଦେବେନ୍ଦ୍ର ମାନସିଂହ ଓ ରଘୁନାଥ ସାହୁ, ଭାଟପଡାଗଡ ରାଜା ସାହେବ ମାନବେନ୍ଦ୍ର ମହାରଥୀ, ଏସ୍‌ଡିପିଓ ସୁବାଶ ଚନ୍ଦ୍ର ପଣ୍ଡା ସମ୍ବର୍ଦ୍ଧିତ ହୋଇଛନ୍ତି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୪।୧(ସ୍ୱ.ପ୍ର.):** ସିଧାମୂଳା ନୋଡାଲ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ରତ୍ନାକର କୁଅଁରଙ୍କ ଅନ୍ୟତ୍ର ବଦଳି ହୋଇଯାଇଥିବାରୁ ଶୁକ୍ରବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧୋବା ଦଳେଇଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଜୟ ନାୟକ ମୁଖ୍ୟଅତିଥି, ଗୋକୁଳାନନ୍ଦ ଜୀଉ ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁ ମୁଖ୍ୟବକ୍ତା, ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦାଶରଥି ନାୟକ, ମୋ ସ୍କୁଲର ସଭାପତି ଚନ୍ଦ୍ରଶେଖର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ୨୦୧୨ରୁ ପ୍ରଧାନ ଶିକ୍ଷକ କୁଅଁର ସୁଚାରୁ ଭାବେ କାର୍ଯ୍ୟ ସମ୍ପାଦନ କରି ଅଞ୍ଚଳବାସୀଙ୍କ ପ୍ରିୟଭାଜନ ହୋଇ ପାରିଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। କମିଟି ସଦସ୍ୟ ପ୍ରଦୀପ କୁମାର ବେହେରା, ସଦାଶିବ ନାୟକ, ଗୌରୀ ଦାସ, ମାୟା ରାଉତ, ପ୍ରମିଳା ସ୍ୱାଇଁ, ରବି ଖଟୁଆ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

## ଭଡ଼ା ଚୟନରେ ଅନିୟମିତତା
# କଳାକାର ସଂଘର ବିକ୍ଷୋଭ ସମାବେଶ

**ରଣପୁର,୪।୧ (ସ୍ୱ.ପ୍ର.)**

ରଣପୁର ବ୍ଲକରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଆଗରେ କଳାକାରଙ୍କ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପଞ୍ଚାୟତରେ ବାଦ୍ ପଡିଥିବା ୩୦୦ରୁ ଊର୍ଦ୍ଧ୍ୱ କଳାକାର ସାମିଲ ହୋଇଥିଲେ । ପରେ ୮ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରିଥିଲେ। ସେମାନେ କରିଥିବା ଦାବିଗୁଡିକ ମଧ୍ୟରେ ଯୋଗ୍ୟ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପ୍ରଦାନ, ପାତରଅନ୍ତର ନୀତିର ପୁନଃବିଚାର, ବିକେଏମ୍‌ଏସ୍‌ରେ ସଭ୍ୟ ଥିବା ପ୍ରାର୍ଥୀଙ୍କୁ ସାମିଲ, ୩ମାସରେ ଥରେ ବୈଠକ, ପଞ୍ଜୀକୃତ କଳାକାରଙ୍କୁ ପରିଚୟପତ୍ର ପ୍ରଦାନ ଆଦି ଅନ୍ୟତମ। ପୂର୍ବାହ୍ନ ୧୧ଟାରେ ବ୍ଲକ କଳା ସଂସ୍କୃତି ସଂଘ ସଭାପତି ଶଙ୍କର୍ଷଣ ଦାସ, ସମ୍ପାଦକ ଲୋକନାଥ ପ୍ରଧାନ, ଉପସଭାପତି ସତ୍ୟନାରାୟଣ ନାୟକଙ୍କ ନେତୃତ୍ୱରେ କଳାକାରମାନେ ପଞ୍ଚୁଦୋଳ ପଡିଆଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଭତ୍ତା ଚୟନରେ ହୋଇଥିବା ଅନିୟମିତତା ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ବିଡିଓ ପହଞ୍ଚି ବୁଝାଶୁଝା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରୁଥିବା ଦାବିପତ୍ର ଗ୍ରହଣ କରିବା ପରେ ସେମାନେ ଧାରଣାରୁ ହଟିଥିଲେ । ସୂଚନାଯୋଗ୍ୟ ବ୍ଲକର ୨୫୦ରୁ ଊର୍ଦ୍ଧ୍ୱ ଗ୍ରାମ ଓ ସହର ଅଞ୍ଚଳରେ ଛୋଟବଡ କଳାକାର ରହିଛନ୍ତି। ସେଥିମଧ୍ୟରୁ ଅଧିକାଂଶ କଳାକାର ସ୍ଥାନୀୟ ପ୍ରଶାସନର ବିଭିନ୍ନ ସରକାରୀ ଯୋଜନାରେ କଳା ପ୍ରଦର୍ଶନ କରିଥାନ୍ତି। ହେଲେ ପ୍ରଶାସନ ତରଫରୁ ସେମାନଙ୍କୁ ଭତ୍ତାରୁ ବାଦ ଦିଆଯାଇ ଅଣ କଳାକାରଙ୍କୁ ସାମିଲ କରାଯାଇଛି। ଏ ନେଇ ବିଭିନ୍ନ ସମୟରେ ସ୍ଥାନୀୟ ରାଜନୈତିକ ନେତାଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ କରି କଳାକାରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ ।




ବ୍ଲକ ସମ୍ମୁଖରେ ଧାରଣା ଦେଇଛନ୍ତି କଳାକାର।

## ପୁରୀ ବନ୍ୟପ୍ରାଣୀ ବନଖଣ୍ଡରେ ପକ୍ଷୀ ସଂଖ୍ୟା ବୃଦ୍ଧି
# ୧୧୦ ପ୍ରଜାତିର ୬୮,୦୨୯ ପକ୍ଷୀ

**ପୁରୀ ଅଫିସ,୪।୧**

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନରେ ଗତବର୍ଷ ଅପେକ୍ଷା ଏ ବର୍ଷ ଅଧିକ ପକ୍ଷୀ ଚିହ୍ନଟ କରାଯାଇଛି। ଗତବର୍ଷ ୮୪ ପ୍ରଜାତିର ୫୭,୫୩୪ ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୧୦ ପ୍ରଜାତିର ୬୮,୦୨୯ ପକ୍ଷୀ ଆସିଛନ୍ତି। ଏହି ବନଖଣ୍ଡ ଅଧୀନ ୫ଟି ରେଞ୍ଜ୍ ବାଲୁଖଣ୍ଡ, କୋଣାର୍କ, ଅସ୍ତରଙ୍ଗ ଗୋପ ଓ ବ୍ରହ୍ମଗିରି ମଧ୍ୟରୁ ଚଳିତବର୍ଷ ବ୍ରହ୍ମଗିରି ରେଞ୍ଜକୁ ସର୍ବାଧିକ ପକ୍ଷୀ ଆସିଥିବା ଜଣାପଡିଛି।

ପୁରୀ ବଡ଼ଖଣ୍ଡ ଅଧୀନରେ ଗୁରୁବାର ପକ୍ଷୀ ଗଣନା କରାଯାଇଥିଲା। ୨୬ଟି ଟିମ୍ ବନଖଣ୍ଡ ଅଧୀନ ୫ଟି ରେଞ୍ଜର ବିଭିନ୍ନ ସ୍ଥାନରେ ଗଣନା କରିଥିଲେ। ତେବେ ବ୍ରହ୍ମଗିରି ରେଞ୍ଜରେ ଚଳିତବର୍ଷ ପ୍ରଜାତି କମିଥିଲେ ମଧ୍ୟ ପକ୍ଷୀ ସଂଖ୍ୟା ବଢିଛି। ଗତବର୍ଷ ଏହି ରେଞ୍ଜରେ ୫୫ ପ୍ରଜାତିର ୪୬ ହଜାର ୨୩୬ ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ୫୫,୪୭୪ ପକ୍ଷୀଙ୍କୁ ଦେଖିବାକୁ ମିଳିଛି। ଏ ବର୍ଷ ୫୦ ପ୍ରଜାତିର ପକ୍ଷୀ ଆସିଛନ୍ତି। ସେହିପରି ଏଥର କୋଣାର୍କ ରେଞ୍ଜରେ ମୋଟ ୩,୬୬୪ ପକ୍ଷୀ ଗଣନା କରାଯାଇଥିବାବେଳେ ବାଲୁଖଣ୍ଡ ରେଞ୍ଜରେ ୨,୪୫୪, ଅସ୍ତରଙ୍ଗ ରେଞ୍ଜରେ ୩,୬୦୨ ଏବଂ ଗୋପ ରେଞ୍ଜରେ ୨,୮୩୩ ପକ୍ଷୀ ଚିହ୍ନଟ କରାଯାଇଥିବା ଜଣାପଡିଛି।

# ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୪।୧**

ସଡକ ଦୁର୍ଘଟଣାରେ ଆହତ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଖୋର୍ଦ୍ଧା ଟାଉନ ଥାନା ଲିଙ୍ଗରାଜ ବେହେରା(୫୯)ଙ୍କ ମୃତ୍ୟୁ ହୋଇଯାଇଛି। ଏ ନେଇ ମୃତକଙ୍କ ଭାଇ ସଦାଶିବ ବେହେରାଙ୍କ ଅଭିଯୋଗ ପରେ ପୋଲିସ ନଂ. ୩/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବିଲରୁ ଘରକୁ ଫେରୁଥିବାବେଳେ ଡିସେମ୍ବର ୨୮ ରେ ଲିଙ୍ଗରାଜଙ୍କ ସଡକ ଦୁର୍ଘଟଣା ହୋଇଥିଲା। ବାଘାମରୀର ଶ୍ରୀନିବାସ କହଲ ସିଂହଙ୍କ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
# ଭେଟରାନ୍ ବିଜୟୀ

**ନିରାକାରପୁର,୪।୧(ଡି.ଏନ୍.ଏ.)**

ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି କଲେଜ ଖେଳପଡିଆଠାରେ ଫ୍ରେଣ୍ଡ୍‌ସ କ୍ଲବ୍ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଶୁକ୍ରବାର ମ୍ୟାଚ୍ ଫ୍ରେଣ୍ଡ୍‌ସ କ୍ଲବ୍ ଓ ନିରାକାରପୁର ଭେଟରାନ୍ ଯୁବ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଉଭୟ ଦଳର ଖେଳାଳିମାନେ କେହି କାହା ଉପରେ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର୍ ସାହାଯ୍ୟରେ ଭେଟରାନ୍ ଦଳ ଫ୍ରେଣ୍ଡ୍‌ସ ଦଳକୁ ୫-୪ ଗୋଲ୍‌ରେ ପରାସ୍ତ କରିଥିଲା । ଈଶ୍ୱର ଚନ୍ଦ୍ର ଜେନା, ରାଧା ଚରଣ ପରିଡ଼ା ଓ ରାଜ କିଶୋର ଦାଶ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ । ଆୟୋଜିତ ସଭାରେ ଜନ ଜାଗରଣ ମହାମେଣ୍ଟ ସଭାପତି ବିପିନ କୁମାର ଜୟସିଂହ ମୁଖ୍ୟଅତିଥି ଓ ଶିକ୍ଷାବିତ୍ ଉମେଶ ଚନ୍ଦ୍ର ମିଶ୍ର, କମଳ ଲୋଚନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶନିବାର ପ୍ରଥମ ସେମି ଫାଇନାଲ ଜୟଦୁର୍ଗା କ୍ଲବ୍ (ଖୋର୍ଦ୍ଧା) ଓ ବଜରଙ୍ଗବାଲି ଫୁଟ୍‌ବଲ କ୍ଲବ୍ (ଘାଟିକିଆ) ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସହ ସମ୍ପାଦକ ସୂଚନା ଦେଇଛନ୍ତି ।



### ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖୋର୍ଦ୍ଧା ଅଫିସ,୪।୧**

ଚିଲିକା ବ୍ଲକ ସିଙ୍ଗେଶ୍ୱର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ବିଭିନ୍ନ ଗାଁ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଜନହିତକର କାର୍ଯ୍ୟକ୍ରମକୁ ଲୋକଙ୍କୁ ଅବଗତ କରାଯାଇଥିଲା। ପୁଣି କେନ୍ଦ୍ରର ଓଡିଶାକୁ ଅବହେଳା ଓ ଉପେକ୍ଷା ସମ୍ପର୍କରେ ଅନୁରୂପ ଭାବେ ଅବଗତ କରାଯାଇଥିଲା। ଏହି ପଦଯାତ୍ରାରେ ପର୍ଯ୍ୟବେକ୍ଷକ ଅଜିତ ରାଉତ, ବିଜେଡି ସଭାପତି ଦେବେନ୍ଦ୍ର ସାମନ୍ତସିଂହାର, ପଞ୍ଚାୟତ ସଭାପତି ସଭ୍ୟ ନାରାୟଣ ବିଶ୍ୱାଳ, ଯୁବ ବିଜେଡି ସଭାପତି ମହେଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ଦଶପଲ୍ଲାରେ ୧୪ରୁ ହନୁମାନ ମହାସାଗର

**ଦଶପଲ୍ଲା,୪।୧(ଡି.ଏନ୍.ଏ.)**

ଦଶପଲ୍ଲାସ୍ଥିତ ମହାବୀର ଜୀଉଙ୍କ ମନ୍ଦିର ପରିସରରେ ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହେବ ହନୁମାନ ଚାଳିଶା ମହାସାଗର ସହ ବେଦଯଜ୍ଞ। ଏହି ବେଦଯଜ୍ଞରେ ଓଡିଶା ଓ ଓଡିଶା ବାହାରର ବହୁ ସାଧୁସନ୍ଥ ଓ ପଣ୍ଡିତଙ୍କ ଦ୍ୱାରା ଦେବାର୍ଚ୍ଚନ କରାଯିବ। ଏଥିରେ ୫୦୪ କଳସ ଶୋଭାଯାତ୍ରା, ଶ୍ରୀ ରଘୁନାଥ ଜୀଉ ଓ ମହାବୀର ଜୀଉଙ୍କର ପଞ୍ଚାମୃତ ସ୍ନାନ ଏବଂ ଏକାଦଶ ରୁଦ୍ରାଭିଷେକ ପ୍ରଭୃତି କାର୍ଯ୍ୟକ୍ରମ କରାଯିବ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ହନୁମାନ ଚାଳିଶା ମହାସାଗର ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ କୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ପାଇଁ ବିଭିନ୍ନ ପ୍ରସ୍ତୁତି କରାଯାଇଛି। ଆସନ୍ତା ୧୪ ତାରିଖ ଠାରୁ ୧୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖରେ ଅଙ୍କୁରା ରୋପଣ, ନବବ୍ୟୁହ ପୂଜା, ୧୫ତାରିଖ ଜଳଯାତ୍ରା, ୧୬ ତାରିଖ ସୂର୍ଯ୍ୟପୂଜା, ଗୋପୂଜା, ଓ ସୁନ୍ଦରାକାଣ୍ଡ ପଠନ କରାଯିବ, ୧୭ତାରିଖ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ପାବମାନ ହବନ ତତ୍ ସହିତ ୨୦୮ ମୂର୍ତ୍ତି ବ୍ରାହ୍ମଣଙ୍କ ଦ୍ୱାରା ହନୁମାନ ଚାଳିଶା ମହାସାଗର ଆରମ୍ଭ ଓ ୧୮ ତାରିଖ ହନୁମାନ ଚାଳିଶା ମହାସାଗରର ସମାପନ ଏବଂ ମହାଯଜ୍ଞର ପୂର୍ଣ୍ଣାହୂତି ଶାନ୍ତିପାଠ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସମିତିର ସଭାପତି ଦିଲ୍ଲୀପ କୁମାର ମିଶ୍ର, ସମ୍ପାଦକ ପ୍ରସନ୍ନ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରମୋଦ ଦାଶ, ପଣ୍ଡିତ ରାଜେଶ କୁମାର ହୋତା, ମୃତ୍ୟୁଞ୍ଜୟ ମିଶ୍ର ଓ ରାକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ମହାସାଗର ସମିତିର କର୍ମକର୍ତ୍ତା।

## ଶ୍ରୀକ୍ଷେତ୍ର ପୁସ୍ତକ ମେଳାର ୨ୟ ଦିବସ
# ସାହିତ୍ୟିକ, ଲେଖକ ଓ ଛାତ୍ରୀଛାତ୍ରଙ୍କ ଭିଡ଼

**ପୁରୀ ଅଫିସ,୪।୧**

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ରଜତ ଜୟନ୍ତୀ ଉତ୍ସବର ଶୁକ୍ରବାର ଥିଲା ଦ୍ୱିତୀୟ ଦିନ। ପ୍ରଥମ ଦିନଠାରୁ ଅଧିକ ପାଠିକା, ପାଠକ, ସାହିତ୍ୟିକ ଓ ଲେଖକଙ୍କ ସମାଗମ ହୋଇଥିଲା। ଶୀତୁଆ ସନ୍ଧ୍ୟାରେ ବିଭିନ୍ନ ପୁସ୍ତକ ଷ୍ଟଲ୍‌ରେ ପିଲାଙ୍କ ଭିଡ ଲାଗି ରହିଥିଲା। ଏକାଠି ହୋଇ ବିଭିନ୍ନ ପୁସ୍ତକର ତର୍ଜମା କରୁଥିବା ଦେଖିବାକୁ ମିଳିଥିଲା। କୁଇଜ୍ ମାଷ୍ଟର ଚନ୍ଦ୍ର ବିଜୟ ମିଶ୍ରଙ୍କ ଦ୍ୱାରା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲ, ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଟିକିତାରା ପକ୍ଷରୁ ପଠନ ଟୁଙ୍ଗୀ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଓଡ଼ିଆ ପଠନ କରି ପୁରସ୍କୃତ ହୋଇଥିଲେ।

ଦ୍ୱିତୀୟ ସନ୍ଧ୍ୟାରେ ପୁରୀ ଜିଲା ସଂସ୍କୃତି ପରିଷଦ ପ୍ରାୟୋଜିତ ଶ୍ରୀକ୍ଷେତ୍ର କଳାକାର ମଞ୍ଚର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଗୁରୁ ବିଷ୍ଣୁପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନୃତ୍ୟଶିଳ୍ପୀଙ୍କ ଏକାଧିକ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା।

ସେହିଭଳି ସାଂସ୍କୃତିକ ଅନୁଷ୍ଠାନ ହରିବୋଲ ହୁଳହୁଳି ପକ୍ଷରୁ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ରବୀନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଟଯୋଶୀ ଜନାର୍ଦ୍ଦନ ମହାପାତ୍ର, ପ୍ରଫେସର ହରେକୃଷ୍ଣ ମହାପାତ୍ର, କବି ଜ୍ୟୋତ୍ସ୍ନା ପୃଷ୍ଟି ପୁସ୍ତକ ମେଳା କମିଟି ସମ୍ପାଦକ ଚକ୍ରଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଏବଂ କବିତା ସଂକଳନ ନୀରବ ନୀଡରେ କାହାଣୀ ଉନ୍ମୋଚିତ ହୋଇଥିଲା। ଏଥିସହ କୈଳାଶ ଚନ୍ଦ୍ର ସାହୁଙ୍କୁ ଗ୍ରାମଗୌରବ, କୁମୁଦିନୀ ପୃଷ୍ଟିଙ୍କୁ ଗ୍ରାମ୍ୟ ମାଣିକ୍ୟ, ଶରତଚନ୍ଦ୍ର ପଣ୍ଡାଙ୍କୁ ଶ୍ରୀନିବାସ ସ୍ମୃତିସାରସ୍ୱତ, ବିଶ୍ୱନାଥ ଭଞ୍ଜଙ୍କୁ ଡା.ଗୋପିନାଥ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ଅଧ୍ୟାପିକା ପଦ୍ମାଳୟା ମିଶ୍ର ପରିଚାଳନା ଓ କବି ଶିବ ସୁନ୍ଦରମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

**କୁଇଜ୍, ପଠନ ଟୁଙ୍ଗୀରେ ଯୋଗଦେଲେ ବିଦ୍ୟାର୍ଥୀ**




ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

# ଶ୍ରୀମନ୍ଦିରରେ ହେଲା ଦିବା ପହୁଡ଼

**ପୁରୀ ଅଫିସ,୪।୧**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରରେ ଚାଲିଛି। ଶୁକ୍ରବାର ନିର୍ଘଣ୍ଟ ସମୟରେ ନୀତି ଚାଲିବା ଫଳରେ ଠାକୁରଙ୍କ ଦିବା ପହୁଡ ନୀତି ସମ୍ପନ୍ନ ହୋଇଛି। ଅପରାହ୍ନ ସାଢେ ୩ଟାରେ ପହୁଡ ହୋଇ ଅପରାହ୍ନ ୫ଟା ୨୦ରେ ଦ୍ୱାର ଫିଟିଥିଲା। ମହାପ୍ରଭୁ ଦିନରେ ୧ ଘଣ୍ଟା ୫୦ ମିନିଟ୍ ଶୋଇଥିଲେ। ଫଳରେ ଏହି ସମୟରେ ଦର୍ଶନ ବନ୍ଦ ରହିଥିଲା। ସୂଚନାଥାଉ କି, ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ରହିଛି। କିନ୍ତୁ ନୀତିକାନ୍ତିରେ ବିଳମ୍ବ ହେଲେ ଦିବା ପହୁଡ଼ ହୋଇ ନ ଥାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହିଲି ଭୋଗ ନୀତି ଲାଗି ହୋଇଥିବା ସ୍ୱତନ୍ତ୍ର ନୀତି ନିର୍ଘଣ୍ଟରେ ଦିବା ପହୁଡ଼ ରହିଛି। ସାଢେ ୨ଟାରୁ ସାଢେ ୪ଟା ଦିବା ପହୁଡ ଲାଗି ସ୍ଥିର ହୋଇଥିଲେ ମଧ ନୀତି ବିଳମ୍ବ ହେଉଥିବାରୁ ଏହା ସମ୍ଭବ ହେଉ ନ ଥିଲା। କିନ୍ତୁ ଶୁକ୍ରବାର ନୀତିକାନ୍ତି ପ୍ରାୟ ନିର୍ଘଣ୍ଟ ଅନୁସାରେ ହେବାରୁ ଦିବା ପହୁଡ଼ ହୋଇଥିବା ଶ୍ରୀମନ୍ଦିରର ସୂଚନା ଅଧିକାରୀ ସୁଦୀପ ଚାଟାର୍ଜୀ କହିଛନ୍ତି।

### ହାତୀ ଉପଦ୍ରବ: ଧାନ କଳେଇକୁ କଲେ ନଷ୍ଟ

**ଖୋର୍ଦ୍ଧା ଅଫିସ,୪।୧**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ହଜ, ସିକୋ, ହିରାପୁର ଓ ବୋତଲମା ପଞ୍ଚାୟତରେ ହାତୀ ଉପଦ୍ରବ କମିବାର ନାଁ ଧରୁନି। ବନବିଭାଗ ମଧ ହାତୀଙ୍କୁ ଘଉଡାଇବାରେ ସଫଳ ହେଉନାହିଁ। ୩ତାରିଖ ରାତିଓ ୪ ତାରିଖ ଭୋର ସମୟରେ ଉପରୋକ୍ତ ୪ ପଞ୍ଚାୟତର ଅଧିକାଂଶ ଗାଁର ଚାଷୀଙ୍କ ଧାନ କଳେଇକୁ ହାତୀ ନଷ୍ଟ କରି ଦେଇଛନ୍ତି। ପୁଣି ବାଡିପଟେ ପଶି ପନିପରିବା ଫସଲକୁ ମଧ ଦଳି ଦେଇଛନ୍ତି।

# ସିଟି ତାଲିମପ୍ରାପ୍ତ ପୁରାତନ ଛାତ୍ର ସମ୍ମିଳନୀ

**ଖଣ୍ଡପଡା,୪।୧(ସ୍ୱ.ପ୍ର.)**

ନୟାଗଡ଼ ଇଟାମାଟିସ୍ଥିତ ସିଟି ତାଲିମକେନ୍ଦ୍ରରେ ୧୯୭୩-୭୫ ମସିହା ମଧ୍ୟରେ ତାଲିମ ଗ୍ରହଣ କରିଥିବା ପୁରାତନ ଛାତ୍ରଙ୍କ ସମ୍ମିଳନୀ ଗୁରୁବାର ପୁରୀ ସିଦ୍ଧ ମହାବୀର ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଗୁରୁଛାତ୍ର ରମା ବଲ୍ଲଭ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପ୍ରଥମେ ଦିବଂଗତ ଶିକ୍ଷକ କୃଷ୍ଣଚନ୍ଦ୍ର ହୋତା, ଲକ୍ଷ୍ମୀଧର ଶତପଥୀ, ଦୀନବନ୍ଧୁ ରଥ, ବିଷ୍ଣୁଚରଣ ମିଶ୍ର, ଗୁରୁଛାତ୍ର ଲକ୍ଷ୍ମଣ ମିଶ୍ର, ପଞ୍ଚାନନ ରଥ, କବୀର ସେଠୀ, ବୃନ୍ଦାବନ କଜର, ବିଜୟ କୁମାର ସାହୁ, ମୁରଲୀଧର ବେହେରା, ପ୍ରଫୁଲ୍ଲ କୁମାର ସାହୁ, ପ୍ରସନ୍ନ କୁମାର ଦାଶ, ଚତୁର୍ଭୁଜ ପଣ୍ଡା, ବୈକୁଣ୍ଠ ମଲ୍ଲିକ, ଦୁର୍ଯ୍ୟୋଧନ ସାହୁ, ପତିତପାବନ ପାଇକରାୟ, ରାଜ କିଶୋର ଘଡାଇ ପ୍ରମୁଖଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଗୁରୁଛାତ୍ର ମହେଶ୍ୱର ରଣା ସ୍ୱରଚିତ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ତାଲିମ ନେବା ସମୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ରମା ବଲ୍ଲଭ ସାହୁ, ଶିବରାମ ସାହୁ, ହୃଷୀକେଶ ପ୍ରଧାନ, ସ୍ୱପ୍ନେଶ୍ୱର ବେହେରାଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ସଂଘ ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ରମାବଲ୍ଲଭ ସାହୁ, ସମ୍ପାଦକ ମହେଶ୍ୱର ରଣା, କୋଷାଧ୍ୟକ୍ଷ ଶିବରାମ ସାହୁ, ଉପଦେଷ୍ଟା ଭାବେ ଲିଙ୍ଗରାଜ ଦାଶ, ରମେଶ ଚନ୍ଦ୍ର ସୁନ୍ଦରାୟ, ମାଧବ ଚନ୍ଦ୍ର ସାହୁ ଓ ଦେବେନ୍ଦ୍ର ବେହେରା ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଆସନ୍ତା ଏପ୍ରିଲରେ ଓଡଗାଁଠାରେ ପରବର୍ତ୍ତୀ ବନ୍ଧୁ ମିଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ପୁରାତନ ଗୁରୁଛାତ୍ରଙ୍କ ସ୍ତ୍ରୀମାନେ ଯୋଗଦେଇଥିଲେ । ଲିଙ୍ଗରାଜ ଦାଶ ଓ ରମା ବଲ୍ଲଭ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗଣିଆରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ
# ୧୨୪ ପ୍ରକଳ୍ପ ପାଇଁ ୨,୦୨,୫୦,୦୦୦ ଟଙ୍କା ଅନୁମୋଦନ

**ଗଣିଆ,୪।୧(ଡି.ଏନ୍.ଏ.)**

ଗଣିଆ ବ୍ଲକ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଆମ ଗାଁ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନ ୧୧ଟା ୪୫ ମିନିଟରେ ସ୍ଥାନୀୟ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚିବାଳୟରୁ ଭିଡିଓ କନଫରେନସିଂ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀ ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତରେ ୧୨୪ ପ୍ରକଳ୍ପ ପାଇଁ ୨କୋଟି ୨ଲକ୍ଷ ୫୦ହଜାର ଟଙ୍କା ଅନୁମୋଦନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେବା କ୍ଷଣି ଉପସ୍ଥିତ ଜନତା ହରିବୋଲ, ହୁଳହୁଳି ଓ କରତାଳି ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଆପଣଙ୍କ ଅଞ୍ଚଳର ବିକାଶ ପାଇଁ ପ୍ରକଳ୍ପଗୁଡିକୁ ଅନୁମୋଦନ କରିଛି, ଏଥିରେ ଆପଣମାନେ ଖୁସି ତ ବୋଲି ପଚାରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସିଧାସଳଖ ବାର୍ତ୍ତାଳାପ ଜନସାଧାରଣଙ୍କ ମନରେ ବେଶ୍ ଉତ୍ସାହ ଭରିଦେଇଥିଲା। ପରେ ଗତ ୫ବର୍ଷରେ ଗଣିଆ ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ପ୍ରାରମ୍ଭରେ ଦଶପଲ୍ଲା କଳାକାରଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସିଂହବାଦ୍ୟ ପରିବେଷଣ ହୋଇଥିଲା। ମଧ୍ୟାହ୍ନ ୧୨ଟା ୪୪ମିନିଟରେ ଗଣିଆ ସରପଞ୍ଚ ସସ୍ମିତା ଲେଙ୍କା ଭିଡିଓ କନଫରେନସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନୟାଗଡ ଜିଲାପାଳ ଡ. ଏନ ତିରୁମାଲା ନାୟକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ପାତ୍ର, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ସନ୍ତୋଷିନୀ ସାହୁ, ଗଣିଆ ତହସିଲଦାର ସ୍ୱାତିଲେଖା ଦାସ, ବିଡିଓ ସରୋଜ କୁମାର ନାୟକ, ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଏମପିଙ୍କ ପ୍ରତିନିଧି ଦିଲୀପ ବେହେରା, ଗଣିଆ ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା , ଜିଲା ବିଜେଡି ସମ୍ପାଦକ ଶରତ ଚନ୍ଦ୍ର ସାହୁ, ବ୍ଲକର ୮ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ସମେତ ସମସ୍ତ ବିଭାଗର ଅଧିକାରୀ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ୮ ହଜାରରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଖଣ୍ଡପଡା ଏସଡିପିଓ ଶ୍ରୀନିବାସ ମହାନ୍ତି ଓ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।




ଭିଡ଼ିଓ କନଫରେନ୍ସିଂରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ।



ସମାବେଶରେ ଯୋଗ ଦେଇଥିବା ଜନସାଧାରଣ।



ଦୁଗ୍ଧ ଭିତରେ ଲହୁଣି ଅଛି କହିଲେ ହେବନାହିଁ। ଦୁଗ୍ଧକୁ ଦହିରେ ପରିଣତ କଲେ ଲହୁଣି ମିଳିବ। ତେଣୁ ଈଶ୍ୱର ଦର୍ଶନର ଇଚ୍ଛା ଥିଲେ ଆଧ୍ୟାତ୍ମିକ ସାଧନା କର।

- ରାମକୃଷ୍ଣ ପରମହଂସ



# କାଳିଆ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ମିଳିବ ୫ ହଜାର

ନୟାଗଡ଼ ଅଫିସ,୪।୧

ନୟାଗଡ଼ ଜିଲାରେ କାଳିଆ ( କୃଷକ ଆସିଷ୍ଟାଣ୍ଟ ଫର ଲାଇଭ୍‌ଲିହୁଡ୍ ଆଣ୍ଡ ଇନକମ୍ ଅଗ୍ରମେଣ୍ଟେଶନ)ଯୋଜନାରେ ପ୍ରାଥମିକ ପର୍ଯ୍ୟାୟରେ ୬୫,୯୧୯ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାମିଲ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କଠାରୁ ଜିଲାପାଳଙ୍କ ନିକଟକୁ ତାଲିକା ଆସିଛି। ସେଥିମଧ୍ୟରୁ ନୟାଗଡ଼ ବ୍ଲକରେ ୧୧୯୪୦, ଓଡ଼ଗାଁ ୧୩୮୯୭, ରଣପୁର ୯୭୯୧, ଖଣ୍ଡପଡ଼ା ୭୮୭୦, ଭାପୁର ୬୯୩୯, ଦଶପଲ୍ଲା ୫୯୯୯, ନୂଆଗାଁ ୬୨୦୯, ଗଣିଆ ବ୍ଲକରେ ୩୨୭୪ ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ଏହା ଚୂଡ଼ାନ୍ତ ତାଲିକା ନୁହେଁ, ୨୦୧୧ ଜନଗଣନା ଓ ପୂର୍ବରୁ ବିଭିନ୍ନ ସେବା ସମବାୟ ସମିତି ମାଧ୍ୟମରେ ହୋଇଥିବା କାର୍ଯ୍ୟକ୍ରମରେ ଚାଷୀ ଚିହ୍ନଟ କରାଯାଇ ଏହି ତାଲିକା ହୋଇଥିବା ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୨ରୁ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସେବା ସମବାୟ ସମିତି ଓ କୋଠଘରଗୁଡ଼ିକରେ ଲୋକମାନଙ୍କ ଅବଗତି ପାଇଁ ଏହି ତାଲିକା ମରାଯିବ। ସେହିଭଳି ପ୍ରତି ପଞ୍ଚାୟତରେ ନାଲି ଓ ନୀଳ ରଙ୍ଗର ବାକ୍ସ ଦୁଇଟି ଟଙ୍ଗାଯିବା ସହ ଉଭୟ ରଙ୍ଗର ଫର୍ମ ମିଳିବ। ତାଲିକାରେ ନାମ ନ ଥିବା ଯୋଗ୍ୟ ଚାଷୀମାନେ ସବୁଜ ଫର୍ମରେ ଜମିର ଫଟୋକପି ସହିତ ଆବେଦନ କରିପାରିବେ। ଜମି ନ ଥିଲେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ପ୍ରମାଣପତ୍ର ସହିତ ଆବେଦନ କରିପାରିବେ। ସେହିଭଳି ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ସରକାରୀ କର୍ମଚାରୀ, ପେନସନ୍‌ଧାରୀ ଓ ଟ୍ୟାକ୍ସ ପଇଠ କରୁଥିବା ଚାଷୀମାନେ ସେମାନଙ୍କ ନାମ ବାଦ୍ କରିବା ପାଇଁ ନାଲି ଫର୍ମରେ ଆବେଦନ କରିପାରିବେ। ସେମାନେ ଆବେଦନ ନ କଲେ ତାଙ୍କ ନାମରେ ଆଉ ଯିଏ ଆବେଦନ କରିବେ ତାଲିକାରୁ ବାଦ୍ ଦିଆଯିବ। ଜିଲାରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନଙ୍କ ନାମ ଯଦି ତାଲିକାରେ ଅଛି ତାହା ହେଲେ ସେଥିରୁ ବାଦ୍ ପଡ଼ିବା ପାଇଁ ଜିଲାପାଳ ସମସ୍ତ ବିଭାଗକୁ ଚିଠି କରିଛନ୍ତି। ଯଦି କର୍ମଚାରୀମାନେ ଏହା ପାଳନ ନ କରନ୍ତି ଓ ପରେ ଧରାପଡନ୍ତି ତା' ହେଲେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ନାୟକ ସୂଚନା ଦେଇଥିଲେ। ଚଳିତମାସ ୧୦ ତାରିଖ ଆବେଦନ ଓ ବାଦ୍ ପଡ଼ିବା ପାଇଁ ଶେଷ ତାରିଖ ରହିଛି। ୧୪ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ କରାଯିବା ପରେ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ଚାଷୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏହା ପରେ ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ୨୦୧୯ ରବି ଋତୁ ପାଇଁ ୫୦୦୦ ଟଙ୍କା ଚାଷୀମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଯିବ। କାଳିଆ ଯୋଜନାରେ ଚାଷୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ସହାୟତା ରାଶି ଥିବା ବେଳେ ବର୍ତ୍ତମାନ ପ୍ରଥମ ପର୍ଯ୍ୟାୟରେ ଆର୍ଥିକ ରାଶି ସହାୟତା ପ୍ରଦାନ କରାଯାଉଛି। ପରବର୍ତ୍ତୀ ସମୟରେ ଅନ୍ୟ ୪ଟି ପର୍ଯ୍ୟାୟରେ ଯୋଜନାର ସହାୟତା ରାଶି ପ୍ରଦାନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଜିଲାରେ ବର୍ତ୍ତମାନ ୧ ଲକ୍ଷ ୪୪ ହଜାର ୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୩ ହଜାର ନାମମାତ୍ର, ୧୮,୪୪୩ କ୍ଷୁଦ୍ର ଓ ୧୧,୯୧୦ ଜଣ ବଡ଼ ଚାଷୀ ଅଛନ୍ତି।



ପ୍ରଚାର ପ୍ରସାର ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତିଆରି କରାଯାଉଥିବା ଚିତ୍ର।

- **ଜିଲାରେ ୬୫,୯୧୯ ଚାଷୀ ଚିହ୍ନଟ**
- **୨୧ରେ ଆକାଉଣ୍ଟକୁ ଯିବ ଟଙ୍କା**
- **ସରକାରୀ କର୍ମଚାରୀ ତାଲିକାରୁ ବାଦ୍ ନ ପଡ଼ିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ**

## ୬ରେ ନୟାଗଡ଼ ଆସିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୟାଗଡ଼ ଅଫିସ,୪।୧

ଆସନ୍ତା ୬ ତାରିଖରେ ନୟାଗଡ଼ ଆସୁଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମଧ୍ୟାହ୍ନ ୧୨ଟାରେ ନୟାଗଡ଼ ବ୍ଲକ ଲାଠିପଡ଼ା ଟାଙ୍ଗି ପଡ଼ିଆଠାରେ ହେବାକୁ ଥିବା ସାଧାରଣ ସଭା ସହିତ ଜନପରାମର୍ଶ ପଦଯାତ୍ରାରେ ମନ୍ତ୍ରୀ ଧର୍ମେନ୍ଦ୍ର ଯୋଗ ଦେବେ ବୋଲି ଜିଲା ସଭାପତି ସନ୍ନ୍ୟାସୀ ନାୟକ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ନୟାଗଡ଼ ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଏହା ପ୍ରଥମ କାର୍ଯ୍ୟକ୍ରମ। ପୂର୍ବରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ରଣପୁର ନିର୍ବାଚନମଣ୍ଡଳୀର ଶିଖରପୁରଠାରେ ଓ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବାଇଗୁଣିଆ ପଡ଼ିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସାଧାରଣ ସଭାରେ ଯୋଗ ଦେଇଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀ ବିଜେଡିର କବ୍‌ଜାରେ ଥିବା ବେଳେ ଧର୍ମେନ୍ଦ୍ରଙ୍କ ଆଗମନ ଭାଜପା କର୍ମୀଙ୍କ ମନରେ ଉତ୍ସାହ ଭରିଦେଇଛି।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ

**ଦଶପଲ୍ଲା,୪।୧(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଖମାରସାହି ପଞ୍ଚାୟତର ଏକ ପ୍ରାଥମିକ ବିଦ୍ୟାଳୟରେ ଜନୈକା ଛାତ୍ରୀଙ୍କୁ ଜଣେ ଶିକ୍ଷକ ଅସଦାଚରଣ କରିଥିବା ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି। ତେବେ ଏ ନେଇ କୌଣସି ମାମଲା ରୁଜୁ ହୋଇ ନଥିବା ଜଣାଯାଇଛି। ଉକ୍ତ ଘଟଣା ଗତ ୨ ସପ୍ତାହ ତଳେ ଘଟିଥିବାବେଳେ ଏ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। ତେବେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶୁକ୍ରବାର ନାବାଳିକା ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

### ୧୬ରେ ଶିଶୁ ମହୋତ୍ସବ କୁସୁମୀ

**ନୟାଗଡ଼ ଅଫିସ,୪।୧:** ଶିଶୁମାନଙ୍କ ପ୍ରତିଭାର ବିକାଶ କରିବା ସହିତ ସେମାନଙ୍କର ସୃଜନଶୀଳତାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଚଳିତମାସ ୧୬ ତାରିଖରୁ ୩ ଦିନ ଧରି ପାଳନ କରାଯିବ ଶିଶୁ ମହୋତ୍ସବ କୁସୁମୀ ଓ ପଲ୍ଲୀଶ୍ରୀ ମେଳା। ନୟାଗଡ଼ ଜିଲା ଶରଣକୁଳସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏହାକୁ ପାଳନ କରାଯିବ ବୋଲି ମହୋତ୍ସବ କମିଟିର ସଭାପତି ବିକ୍ରମ କୁମାର ଦାଶ ଓ ସମ୍ପାଦକ ଚିତ୍ତରଞ୍ଜନ ବରାଡ଼ ସୂଚନା ଦେଇଛନ୍ତି। ଶରଣକୁଳ ଲଡୁକେଶ ସଂସ୍କୃତି ସଂସଦ ପକ୍ଷରୁ ଆୟୋଜିତ ଏହି ଶିଶୁ ମହୋତ୍ସବରେ ଦଳଗତ ନୃତ୍ୟ, ସଙ୍ଗୀତ, ସାଧାରଣ ଜ୍ଞାନ, ରଚନା, ବକ୍ତୃତା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯିବ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଓଡ଼ିଶାର ବିଭିନ୍ନ ସ୍ଥାନରୁ କଳାକାରମାନଙ୍କୁ ନେଇ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।

### ଲଡୁକେଶ ବଣିକ ସଂଘର କର୍ମକର୍ତ୍ତା ନିର୍ବାଚିତ

**ନୟାଗଡ଼ ଅଫିସ,୪।୧:** ନୟାଗଡ଼ ଜିଲା ଶରଣକୁଳ ଶ୍ରୀ ଶ୍ରୀ ଲଡୁକେଶ ବଣିକ ସଂଘର ୨୦୧୯ର କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲଡୁବାବାଙ୍କ ଯାତ୍ରୀନିବାସରେ ଅନୁଷ୍ଠିତ ଏହି ବୈଠକରେ ସର୍ବସମ୍ମତି କ୍ରମେ ରମେଶ ଚନ୍ଦ୍ର ମହାପାତ୍ର ସଭାପତି, ରବୀନ୍ଦ୍ର କୁମାର ପାତ୍ର ସମ୍ପାଦକ, ନାରାୟଣ ସାହୁ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଲକ୍ଷ୍ମୀଧର ସ୍ୱାଇଁ, ନବକିଶୋର ମହାପାତ୍ର, ଭାସ୍କର ପାଳ, ବିକ୍ରମ କୁମାର ଦାଶ ଉପଦେଷ୍ଟାମଣ୍ଡଳୀ ଭାବେ ମନୋନୀତ ହୋଇଥିଲେ। ବିଜୟ ଦାସ, ଜିତେନ୍ଦ୍ର କୁମାର ସାହୁ, ଶଙ୍କର ସାହୁ, ମିଟୁ ସାହୁ, ବିଜୟ ସାହୁ, କାଳିଆ ସାହୁ ଓ ରାକେଶ ସାହୁ ସଭ୍ୟରୂପେ ନିର୍ବାଚିତ ହୋଇଛନ୍ତି।

### ଭାପୁରରେ ଡିଗ୍ରୀ କଲେଜ ସ୍ଥାପନ ପାଇଁ ସମାବେଶ

**ଭାପୁର,୪।୧(ଡି.ଏନ.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ହେଡକ୍ୱାର୍ଟରରେ ଡିଗ୍ରୀ କଲେଜଟିଏ ନ ଥିବାରୁ ଅଞ୍ଚଳରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବାକୁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁବର୍ଷ ହେଲା ଅଞ୍ଚଳରେ ବୁଦ୍ଧିଜୀବୀମାନେ ଏକ ଡିଗ୍ରୀ କଲେଜ ସ୍ଥାପନ କରିବାକୁ ମନସ୍ଥ କରିଥିଲେ ହେଁ ଏ ନେଇ କୌଣସି ବୈଠକ ବସି ପାରି ନ ଥିଲା। ଶୁକ୍ରବାର ମଧ୍ୟାହ୍ନରେ ଭାପୁର ଯୁକ୍ତ ୨ କଲେଜ ପରିସରରେ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷକନେତା ପ୍ରଫୁଲ୍ଲ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ବ୍ଲକର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶିକ୍ଷାବିତ୍ ଯୋଗ ଦେଇଥିଲେ। ଏହି କଲେଜ ସ୍ଥାପନ ପାଇଁ ଏକ ସବ୍‌କମିଟି ଗଠିତ ହୋଇଛି। ସଭାପତି ଭାବେ ପ୍ରଫୁଲ୍ଲ କୁମାର ଲେଙ୍କା, କାର୍ଯ୍ୟକାରୀ ସଭାପତି ଲୋକନାଥ ଆଚାର୍ଯ୍ୟ, ସମ୍ପାଦକ ଦୀପକ କୁମାର ବରାଳ, ସହ ସମ୍ପାଦକ ଜଗନ୍ନାଥ ବାରିକ ଓ ସଭ୍ୟ ଜିତେନ୍ଦ୍ର କୁମାର ରଣସିଂହ, ସୁମନ୍ତ କୁମାର ଜେନା, ବିଜୟ କୁମାର ସାମନ୍ତରାୟ, କୃଷ୍ଣଚନ୍ଦ୍ର ରାଉତରାୟ ଓ କେଳୁଚରଣ ନନ୍ଦଙ୍କୁ ନେଇ ୧୫ ଜଣିଆ କମିଟି ଗଠିତ ହୋଇଛି। କଲେଜ ସ୍ଥାପନା ପାଇଁ କମିଟି ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବ।

### ଏନ୍‌ସିସି କ୍ୟାଡେଟ୍‌ଙ୍କ ସଫେଇ କାର୍ଯ୍ୟକ୍ରମ

**ବୋଲଗଡ଼,୪।୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍‌ସିସି ପିଲାମାନେ ସ୍କୁଲ କ୍ୟାମ୍ପସ, ଖେଳପଡିଆ ଓ ମନ୍ଦିର ପରିସରକୁ ସଫେଇ କରିଥିଲେ। ଏଭଳି ସଫେଇ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ /ଶିକ୍ଷକ ଓ ଜନସାଧାରଣ ପ୍ରଶଂସା କରିଥିଲେ। ଏନ୍‌ସିସି ଅଧିକାରୀ ଶିକ୍ଷକ ଦିବାକର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ୪୮ଜଣ କ୍ୟାଡେଟ୍ ପରିଷ୍କାର, ପରିଚ୍ଛନ୍ନତାର ସଚେତନତା ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୧୧ରୁ ଯୁବ ମହୋତ୍ସବ ମହକ ୨୦୧୯

ଦଶପଲ୍ଲା,୪।୧(ଡି.ଏନ.ଏ.)

ଆସନ୍ତା ୧୧ରୁ ୩ ଦିନ ଧରି ଅନୁଷ୍ଠିତ ହେବ ଯୁବ ମହୋତ୍ସବ ମହକ ୨୦୧୯। ଲୁକାୟିତ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ଓ ସେମାନଙ୍କୁ ରାଜ୍ୟ ଓ ଜାତୀୟସ୍ତର ପର୍ଯ୍ୟନ୍ତ ପହଁଚାଇବା ଲକ୍ଷ୍ୟନେଇ ଦଶପଲ୍ଲାର ଅଗ୍ରଣୀ ଯୁବ ସଂଗଠନ ସୀତାରାମ ୟୁଥ୍ କ୍ଲବ ଆନୁକୂଲ୍ୟରେ ଏଭଳି ପ୍ରୟାସ ଜାରି ରହିଛି। ଏ ନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ପାଇଁ ମହକ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଏହି ମହକ କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖରେ ମହାଆଡମ୍ବର ସହକାରେ ଅନୁଷ୍ଠିତ ହେବ। ଉଦ୍‌ଘାଟନ ଉତ୍ସବରେ ଅବସରପ୍ରାପ୍ତ ଜେନେରାଲ୍ ବସନ୍ତ ମହାପାତ୍ର ଓ ଜିଲା ଆରକ୍ଷୀ ଅଧିକ୍ଷକ ଶଶିଭୂଷଣ ଶତପଥୀ ଯୋଗଦେବା ସହ ଏକ ଗଣଦୌଡ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗଣଦୌଡ ସ୍ଥାନୀୟ ମହାବୀର ମନ୍ଦିର ଠାରୁ ବାହାରିବ। ଏଥିରେ ୧ହଜାରରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଜାତୀୟ ପତାକା ଧରି ମହକ ସ୍ଥଳରେ ପହଁଚିବେ। ଏହି ଅବସରରେ ଦଶପଲ୍ଲାର ପ୍ରତିଭାବାନ ବ୍ୟକ୍ତିଙ୍କୁ ଯୁବ ସମ୍ମାନ ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ସୀତାରାମ ୟୁଥ୍ କ୍ଲବର ଉପସଭାପତି ବଜେନ୍ଦ୍ର ପ୍ରସାଦ ଧଳ, ସମ୍ପାଦକ ମନୋରଞ୍ଜନ ସାହୁଙ୍କ ସମେତ ମହକ କମିଟିର ସଭାପତି ରାଜ କିଶୋର ସ୍ୱାଇଁ, ସମ୍ପାଦକ ସୁଜିତ୍ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୀତାରାମ ୟୁଥ୍ କ୍ଲବର କର୍ମକର୍ତ୍ତା।

# ୧୨ରୁ ବଳରାମଦେବ ବିଦ୍ୟାପୀଠରେ ପ୍ଲାଟିନମ୍ ଜୁବିଲି

ଟାଙ୍ଗୀ(ଖୋର୍ଦ୍ଧା),୪।୧(ଡି.ଏନ.ଏ.)

ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠର ପ୍ଲାଟିନମ୍ ଜୁବିଲି ସମାରୋହ ଜାନୁୟାରୀ ୧୨ ଓ ୧୩ ତାରିଖରେ ପାଳନ କରାଯିବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସମାରୋହକୁ ୧୨ ତାରିଖ ପୂର୍ବାହ୍ନ ୧୦ଟାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ଏଥିରେ ଯୋଗଦେବେ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ୧୩ ତାରିଖର ଉଦ୍‌ଯାପନୀ ଦିବସରେ ବନ୍ଧୁମିଳନ, ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହେବ। ଏହି ସମାରୋହରେ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେବା ପାଇଁ ସଭାପତି ପଦ୍ମନାଭ ବିଶ୍ୱାଳ ନିବେଦନ କରିଛନ୍ତି ।

# ଇଭିଏମ୍, ଭିଭିପାଟ୍ ମେଶିନ ବ୍ୟବହାର ପାଇଁ ସଚେତନତା

ନୟାଗଡ଼ ଅଫିସ,୪।୧

ରାଜ୍ୟରେ ପ୍ରଥମଥର ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ସମସ୍ତ ବୁଥ୍‌ରେ ଇଭିଏମ୍ ଏବଂ ଭିଭିପାଟ (ଭୋଟର ଭେରିଫାଏଡ୍ ପେପର ଅଡିଟ ଟ୍ରାଏଲ) ବ୍ୟବହାର କରାଯିବ। ଏହି ମେଶିନ୍‌ର ବ୍ୟବହାର ପାଇଁ ଲୋକମାନଙ୍କୁ ସଚେତନତା କରାଯିବା ଲକ୍ଷ୍ୟରେ ଚଳିତମାସ ୭ ତାରିଖରୁ ପ୍ରତି ନିର୍ବାଚନମଣ୍ଡଳୀରେ ୬ଟି ଲେଖାଏ ( ଦଶପଲ୍ଲାରେ ୭ଟି) ଭ୍ରାମ୍ୟମାଣ ଗାଡ଼ି ବୁଲିବ। ଜିଲାରେ ୪ଟି ନିର୍ବାଚନମଣ୍ଡଳୀରେ ୨୫ ଗାଡ଼ି ବୁଲି ଲୋକଙ୍କୁ ଇଭିଏମ୍ ଏବଂ ଭିଭିପାଟ ବ୍ୟବହାର ସମ୍ପର୍କରେ ଶିଖାଇବ ବୋଲି ଶୁକ୍ରବାର ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଭ୍ରାମ୍ୟମାଣ ଗାଡ଼ିରେ ଦୁଇଜଣ ପ୍ରଶିକ୍ଷକ, ୩ ଜଣ ସହାୟକ ଓ ଜଣେ ନିରାପତ୍ତା ରକ୍ଷୀ ରହିବେ। ଜିଲାରେ ୨୦ରୁ ୨୫ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରତିଦିନ ଭ୍ରାମ୍ୟମାଣ ଗାଡ଼ି ୪ଟି ଗ୍ରାମକୁ ଯିବ। ଦୁର୍ଗମ ଅଞ୍ଚଳରେ ୨ଟି ଯାଇ ମକ ପୋଲ୍ ମାଧ୍ୟମରେ ମତଦାନ ସମ୍ପର୍କରେ ଲୋକମାନଙ୍କୁ ଅଭ୍ୟସ୍ତ କରାଇବ। ପ୍ରତିଦିନ ସକାଳ ୮ଟାରୁ ୫ଟା ପର୍ଯ୍ୟନ୍ତ ଗାଡ଼ି ଗ୍ରାମରେ ରହି ଲୋକମାନଙ୍କୁ ସଚେତନ କରାଇବ। ଯେଉଁ ଦିନ ଯେଉଁ ଗ୍ରାମକୁ ଗାଡ଼ି ଯିବ ତାହା ପୂର୍ବରୁ ସେଠାକାର ବୁଥ୍ ଲେଭଲ୍ ଅଫିସର ଏ ନେଇ ଜଣାଇବା ସହିତ ଗ୍ରାମରେ ଡେଙ୍ଗୁରା ମାଧ୍ୟମରେ ମଧ୍ୟ ପ୍ରଚାର କରାଯିବ। ଫଳରେ ଲୋକମାନେ ଉକ୍ତ ଦିନ ରହି ଇଭିଏମ୍ ଓ ଭିଭିପାଟ ମେଶିନ୍‌ର ବ୍ୟବହାର ବିଷୟରେ ଜାଣିପାରିବେ। ଅନ୍ୟପକ୍ଷେ ବିଭିନ୍ନ ହାଟ ଓ ବଜାରରେ ରହି ମଧ୍ୟ ଏହି ଗାଡ଼ି ଲୋକମାନଙ୍କୁ ସଚେତନ କରାଇବ। ସେହିଭଳି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଡାକି ଜିଲାପାଳଙ୍କ କାର୍ଯ୍ୟାଳୟରେ ମେଶିନ୍ ବ୍ୟବହାର ସମ୍ପର୍କରେ ସୂଚନା ଦିଆଯିବ ବୋଲି ମଧ୍ୟ ଜିଲାପାଳ ନାୟକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଉପସ୍ଥିତ ଥିଲେ।




ଜିଲାପାଳ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

- **୭ରୁ ବୁଲିବ ସଚେତନତା ଭ୍ରାମ୍ୟମାଣ ଗାଡ଼ି**
- **୨୫ ଗାଡ଼ି ୨୫ ଦିନ ବୁଲିବ**
- **ଜିଲାର ୧୭୦୦ ରାଜସ୍ୱ ଗ୍ରାମରେ ଲୋକଙ୍କୁ ବ୍ୟବହାର ନେଇ ଶିଖାଇବ**

■ ନୂଆଗାଁ ବ୍ଲକରେ ଅଗ୍ନିକାଣ୍ଡ

# ଜରିପାଲ ଦେଇ ପ୍ରଶାସନ ନୀରବ

ନୂଆଗାଁ,୪।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଅନେକ ପରିବାରଙ୍କ ଘର ସମେତ ଧନସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ପିନ୍ଧିବାକୁ ବସ୍ତ୍ର ନାହିଁ, ଖାଇବା ପାଇଁ ଚାଉଳ କି ରହିବା ପାଇଁ ଜାଗା ନାହିଁ। ଫଳରେ ବିପନ୍ନ ପରିବାର ଶୀତ କାକରରେ ଦିନ କାଟୁଛନ୍ତି। ପ୍ରଶାସନ କେବଳ ଜରିପାଲ ଦେଇ କାମ ସାରିଦେଇଛି। ୩୧ ତାରିଖରେ କାପ୍ତାପଲ୍ଲୀ ପଞ୍ଚାୟତ କଣବାଙ୍କ ଗ୍ରାମରେ ନିଆଁ ଲାଗି ୫ ଆଦିବାସୀ ପରିବାରର ୬ ବଖରା, ନୂଆବର୍ଷ ଦିନ ପାରାଡିପି ପଞ୍ଚାୟତ ରାମପଲ୍ଲୀ ଦହିକିଆପଶି ଗ୍ରାମରେ ଅଗ୍ନିକାଣ୍ଡ ଘଟି ୫ ପରିବାରର ୭ ବଖରା ଓ ବୁଧବାର ସୋରଡା ପଞ୍ଚାୟତ କନ୍ଦଳବ ଉଠାସାହିରେ ୭ ପରିବାରର ୧୩ ବଖରା ପୋଡିଯାଇଥିଲା। ଏହାସହ ସମସ୍ତ ପରିବାରଙ୍କ ଘରେ ଥିବା ଧାନଚାଉଳ, ଲୁଗାପଟା, ନଗଦ ଟଙ୍କା ମଧ୍ୟ ପୋଡିଯାଇଥିଲା। ପ୍ରବଳ ଶୀତ ଯୋଗୁ ଘରେ ରହିବା କଷ୍ଟ ହେଉଥିବା ବେଳେ ବିପନ୍ନ ଲୋକମାନେ ପରଘର ବାରଣ୍ଡାରେ କିଭଳି ରାତି ବିତାଉଥିବେ ତାହା ସହଜରେ ଅନୁମେୟ। ଏଭଳି ବିପଦ ସମୟରେ ରାଜସ୍ୱ ବିଭାଗ କିମ୍ବା ପ୍ରଶାସନର କୌଣସି ଅଧିକାରୀ ସେମାନଙ୍କ ନିକଟରେ ନ ପହଞ୍ଚିବା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏପରିସ୍ଥଳେ ସାମାଜିକ କର୍ମୀ ଶିବରାମ ମହାପାତ୍ର ବିପନ୍ନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଛନ୍ତି। ସୁନୀଲ କୁମାର ପଟ୍ଟନାୟକଙ୍କ ସହଯୋଗରେ ଶୁକ୍ରବାର ଶିବରାମ ବିପନ୍ନଙ୍କୁ ଭେଟି ବସ୍ତ୍ରଦାନ କରିଛନ୍ତି।



ବିପନ୍ନଙ୍କୁ ବସ୍ତ୍ରଦାନ କରୁଛନ୍ତି ଶିବରାମ।

# ମହାନଦୀ ସେତୁ ବିପଦସଙ୍କୁଳ

ଖଣ୍ଡପଡା,୪।୧(ସ୍ୱ.ପ୍ର.)

ଖଣ୍ଡପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଧାମୂଳାଠାରେ ମହାନଦୀ ଉପରେ ନିର୍ମାଣ ହୋଇଥିବା ସେତୁ ବିପଦସଙ୍କୁଳ ହୋଇପଡିଛି। ନିମ୍ନମାନର କାମ ଯୋଗୁ ଏହାର ଉପରିଭାଗ ସ୍ଲାବ୍ ସଂଯୋଗସ୍ଥଳରୁ ସିମେଣ୍ଟ କଂକ୍ରିଟ ଉଠି ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାଦେଇ ଯାଉଥିବା ପଥଚାରୀ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

ପ୍ରକାଶ ଯେ, ସିଧାମୂଳା ନିକଟ ମହାନଦୀ ଉପରେ ୧୫୬୮.୦୩ ମିଟର ଦୈର୍ଘ୍ୟ,୧୭.୪୭ ମିଟର ଉଚ୍ଚତା, ୧୧.୦୫ ମିଟର ଓସାର ଓ ୩୪ଟି ଖମ୍ବ(ପିଲର) ଉପରେ ନିର୍ମିତ ହୋଇଛି ସେତୁ। ଏଥିରେ ୩୫ କୋଟି ୨୭ ଲକ୍ଷ ୫ ହଜାର ଟଙ୍କା ବ୍ୟୟ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ୨୦୦୧ ସେପ୍ଟେମ୍ବର ୨୫ ତାରିଖରେ ଏହାର ନିର୍ମାଣ ଶେଷ ହୋଇଥିଲା। ୧୩ ମାସ ପରେ ଅର୍ଥାତ୍ ୨୦୦୨ ନଭେମ୍ବର ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସେତୁକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତେବେ ଦୀର୍ଘ ବର୍ଷ ପରେ ଏହାର ଉପରି ଭାଗ ସ୍ଲାବ୍‌ର ସିମେଣ୍ଟ କଂକ୍ରିଟ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ସଂଯୋଗସ୍ଥଳ ନିକଟରୁ ସିମେଣ୍ଟ କଂକ୍ରିଟ ଛାଡି ଲୁହାରଡ୍ (ଛଡ) ବାହାରି ଖାଲ ସୃଷ୍ଟି ହେଲାଣି। ଏକାଧିକ ସଂଯୋଗ ସ୍ଥଳରେ ଏପରି ଖାଲଖମା ସୃଷ୍ଟି ହୋଇଛି। ଏହି ଅବସ୍ଥା ପଥଚାରୀ ସମେତ ଯାନବାହନ ଧରି ଯାଉଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଅନେକ ସମୟରେ ଦୁଇଚକିଆ ଯାନ ଧରି ଯାଉଥିବା ଆରୋହୀମାନେ ଉକ୍ତ ସ୍ଥାନରେ ପଡି ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି । ଏହାର ମରାମତି ଆବଶ୍ୟକ ଥିଲେ ମଧ୍ୟ ତାହା ହେଉ ନ ଥିବାରୁ ଭବିଷ୍ୟତରେ ଅଧିକରୁ ଅଧିକ ବିପଦ ସୃଷ୍ଟି ହେବା ଆଶଙ୍କା ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ କଟକ ଜିଲାରୁ ନୟାଗଡ଼, ଫୁଲବାଣୀ, ବ୍ରହ୍ମପୁର ଆଦି ଅଞ୍ଚଳକୁ ଏବଂ ଏହିସବୁ ଜିଲାରୁ କଟକ, ଢେଙ୍କାନାଳ ଆଦି ଜିଲାକୁ କମ୍ ଦୂରତା ହେଉଥିବାରୁ ଲୋକେ ଏହି ସେତୁ ଦେଇ ଯାତାୟାତ କରିଥାନ୍ତି। ପ୍ରତ୍ୟହ ଏହି ରାସ୍ତାରେ ଶତାଧିକ ଭାରିଯାନ ସହିତ ହଜାର ହଜାର ହାଲକା ଯାନ ଯା'ଆସ କରନ୍ତି। ଏ ସମ୍ପର୍କରେ ବିଗତ ଦିନରେ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀମାନଙ୍କ ସହ ଯୋଗାଯୋଗ କରିବାରୁ ସେମାନେ ସେତୁର ବେରିଂ ସମସ୍ୟା ଥିବା ଦର୍ଶାଇଥିଲେ। ଏହାସହୁ ବମ୍ବେରୁ ଏକ ଟିମ୍ ପରିଦର୍ଶନରେ ଆସି ସମସ୍ୟା ସମାଧାନ କରିବେ ବୋଲି ସୂଚନା ଦେଇଥିଲେ। ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ସେତୁର ଉପରି ଭାଗ ଅଧିକରୁ ଅଧିକ ନଷ୍ଟ ହେବାରେ ଲାଗିଛି। ଗଣିଆ ପୂର୍ତ୍ତ ବିଭାଗ ପକ୍ଷରୁ ମଝିରେ ମଝିରେ ଆବଶ୍ୟକ ମରାମତି କରାଯାଉଥିଲେ ମଧ୍ୟ ଅଳ୍ପଦିନ ମଧ୍ୟରେ ପୂର୍ବ ଅବସ୍ଥା ହୋଇଯାଉଛି। ଏ ସମ୍ପର୍କରେ ସିଧାମୂଳା ସେତୁ ଦାୟିତ୍ୱରେ ଥିବା ଗଣିଆ ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ସଞ୍ଜୟ କୁମାର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା । ତେବେ ନୟାଗଡ ପୂର୍ତ୍ତ ବିଭାଗ ଡ଼ିଭିଜନ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାରୁ ଏହି କାର୍ଯ୍ୟ ପାଇଁ ଟେଣ୍ଡର ହୋଇ ଏଗ୍ରିମେଣ୍ଟ ଶେଷ ହୋଇଛି, ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଥିଲା।



ମହାନଦୀ ସେତୁ ଉପରେ କଂକ୍ରିଟ୍ ଉଠି ଖାଲ ସୃଷ୍ଟି ହୋଇଛି।

- **ସ୍ଲାବ୍ ସଂଯୋଗସ୍ଥଳରୁ କଂକ୍ରିଟ ଉଠି ଲୁହାଛଡ଼ ଦେଖାଗଲାଣି**
- **ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ପଥଚାରୀ**